୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.75 Bhubaneswar Friday April 26 2024 | ୨୬ତମ ବର୍ଷ ସଂଖ୍ୟା–୭୫ ଭୁବନେଶ୍ୱର, ଶୁକ୍ରବାର, ଅପ୍ରେଲ ୨୬, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

# ଆଜି ଓଡିଶା ଆସୁଛନ୍ତି କେନ୍ଦ୍ର ମନ୍ତ୍ରୀ ଅମିତ ଶାହା, ନିର୍ବାଚନୀ ରଣନୀତି ନେଇ ରାଜ୍ୟ ନେତୃତ୍ୱଙ୍କ ସହ କରିବେ ଆଲୋଚନା








ଭୁବନେଶ୍ୱର,୨୫।୪(ପି.ଏନ): ଲୋକସଭା ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର କାର୍ଯ୍ୟ ଜୋରଦାର ଚାଲିଛି । ଭୋଟରଙ୍କୁ ବିପୁଳ ମାତ୍ରାରେ ଆକୃଷ୍ଟ କରିବା ପାଇଁ ପ୍ରଚାର କାର୍ଯ୍ୟ ପାଇଁ ଓଡିଶାକୁ କେନ୍ଦ୍ରମନ୍ତ୍ରୀଙ୍କ ସୁଅ ଛୁଟିବାରେ ଲାଗିଛି । ଏହିକ୍ରମରେ ଆଜି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଓଡିଶା ଗସ୍ତରେ ଆସିବେ । ସେ ସୋନପୁରରେ ନିର୍ବାଚନ ବିଗୁଲ ଫୁଙ୍କିବେ । ରାଜ୍ୟରେ ପ୍ରଚାର କାର୍ଯ୍ୟ ପାଇଁ ଅମିତ ଶାହାଙ୍କ ଏହା ପ୍ରଥମ ଗସ୍ତ ହୋଇଥିବା ବେଳେ ରାଜ୍ୟ ବିଜେପି ନେତା ଓ କର୍ମୀ ଉତ୍ସାହିତ ଅଛନ୍ତି । ରାଜ୍ୟ ସରକାରଙ୍କ ପ୍ରତି ତାଙ୍କର ଆଭିମୁଖ୍ୟ କିପରି ରହିବ ତାହା ଉପରେ ସମସ୍ତଙ୍କ ନଜର ରହିଛି ।ଆଜି ଅପରାହ୍ନ ୩ଟା ୪୫ରେ ଝାରସୁଗୁଡା ବିମାନ ବନ୍ଦର ପହଞ୍ଚିବେ । ସେଠାରୁ ସୋନପୁର ରାମେଶ୍ୱର ଷ୍ଟାଡିୟମ ଠାରେ ଆୟୋଜିତ ଜନସଭାକୁ ସମ୍ବୋଧିତ କରିବେ । ଏହି ସଭାରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଦଳର ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ ସହ ଅନ୍ୟ ରାଜ୍ୟସ୍ତରୀୟ ଶୀର୍ଷ ନେତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଶାହା ରାଜ୍ୟ ନେତୃତ୍ୱଙ୍କ ସହ ନିର୍ବାଚନୀ ରଣନୀତି ନେଇ ଆଲୋଚନା କରିବେ ।

## ବିଜେପିର ରାଏ ବରେଲୀ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ ବରୁଣ ଗାନ୍ଧି !

ଭୁବନେଶ୍ୱର,୨୫।୪(ପି.ଏନ): କଂଗ୍ରେସର ଗଡ ରାଏ ବରେଲୀରେ ବିଜେପି ଗାନ୍ଧି ପରିବାରର ସଦସ୍ୟ ତଥା ସାଂସଦ ବରୁଣ ଗାନ୍ଧିଙ୍କୁ ପ୍ରାର୍ଥୀ କରିବାକୁ ଚାହୁଁଥିଲା । ଏପରି କି ବରୁଣ ଗାନ୍ଧିଙ୍କୁ ଦଳ ଏଠାକୁ ଟିକେଟ ଦେବାକୁ ପ୍ରସ୍ତାବ ଦେଇଥିଲା । କଂଗ୍ରେସ ଏଠାରେ ପ୍ରିୟଙ୍କା ଗାନ୍ଧି ଭଦ୍ରାଙ୍କୁ ପ୍ରାର୍ଥୀ କରିପାରେ ।ତେଣୁ ଦୁଇ ସମ୍ପର୍କୀୟ ଭାଇ-ଭଉଣୀଙ୍କ ମଧ୍ୟରେ ଲଢେଇ କରିବାକୁ ବିଜେପି ଲକ୍ଷ୍ୟ ରଖିଥିଲା । ତେବେ ବରୁଣ ଗାନ୍ଧି ବିଜେପିରେ ଥାଇ ମଧ୍ୟ ଦଳର ଏପରି ପ୍ରସ୍ତାବକୁ ଗ୍ରହଣ କରି ନଥିବା ଜଣାପଡିଛି ।୨୦୦୪ରୁ ସୋନିଆ ଗାନ୍ଧି ରାଏ ବରେଲୀରୁ ଜିତି ଆସୁଥିଲେ । କିନ୍ତୁ ଚଳିତ ବର୍ଷ ଫେବୃଆରୀରୁ ସେ ରାଜସ୍ଥାନରୁ ରାଜ୍ୟସଭା ଯାଇଛନ୍ତି । ଏହାର ଅର୍ଥ ୨୦୨୪ରେ ସେ ଲୋକସଭା ନିର୍ବାଚନ ଲଢ଼ିବେ ନାହିଁ । ତାଙ୍କ ବଦଳରେ ଝିଅ ପ୍ରିୟଙ୍କା ଏଠାରୁ କଂଗ୍ରେସ ଟିକେଟରେ ଲଢ଼ି ପାରନ୍ତି ।

## ଦୂତାବାସ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୫।୪(ପି.ଏନ): ଲଣ୍ଡନରେ ଥିବା ଭାରତୀୟ ଦୂତବାସ ଉପରେ ଗତବର୍ଷ ହୋଇଥିବା ଆକ୍ରମଣ ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା(ଏନଆଇଏ)କୁ ବଡ ସଫଳତା ମିଳିଛି । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇଛି ।ଖଲିସ୍ତାନୀ ସପକ୍ଷବାଦୀ ଅମୃତପାଲ ସିଂହକୁ ଏନଆଇଏ ଗିରଫ କରିବା ପରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଗିରଫଦାରୀ ବିରୋଧରେ ଲଣ୍ଡନରେ ଥିବା ଭାରତୀୟ ଦୂତାବାସ ବାହାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏତିକି ବେଳେ ଦୂତାବାସରେ ଆକ୍ରମଣ କରାଯାଇଥିଲା ।

## କୋରାପୁଟ କଂଗ୍ରେସ କଳି ଦାଣ୍ଡରେ ପଡି ହାଟରେ ଗଡିଲା !



ଭୁବନେଶ୍ୱର,୨୫।୪(ପିଏନ):କୋରାପୁଟ କଂଗ୍ରେସରେ କନ୍ଦଳ ! ଫାଳ ଫାଳ ହେଇଯାଇଛି କି କୋରାପୁଟ୍ କଂଗ୍ରେସ ଦଳ ଯାହାକୁ ଟିକେଟ ଦେଉଛି, ତାଙ୍କୁ ବିରୋଧ କରି ଏକାଧିକ ପ୍ରାର୍ଥୀ ସ୍ୱାଧୀନ ଭାବେ ନାମାଙ୍କନ ଦାଖଲ କରୁଛନ୍ତି । କାହିଁକି ଶୀର୍ଷ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରିପାରୁନାହାଁନ୍ତି ନେତା ସମନ୍ୱୟର ଅଭାବ ନା ରହୁଛି ପାତର ଅନ୍ତର ନୀତି କୋରାପୁଟ ଲୋକସଭା ସମେତ ଗୁଣପୁର, ବିଷମ କଟକ ଓ ଜୟପୁରରେ ଦଳୀୟ ଅସନ୍ତୁଷ୍ଟମାନେ ନାମାଙ୍କନ ଦାଖଲ କରିଛନ୍ତି । କଂଗ୍ରେସର ଏକମାତ୍ର ସାଂସଦ ସପ୍ତଗିରି ଉଲାକା କୋରାପୁଟରୁ ନିର୍ବାଚିତ ହୋଇଛନ୍ତି । ଆଉ ଏଥର ମଧ୍ୟ ସୁପ୍ରିମୋ ସପ୍ତଗିରିଙ୍କ ଉପରେ ଆସ୍ଥା ପ୍ରକଟ କରି ଟିକେଟ୍ ଦେଇଛନ୍ତି । କିନ୍ତୁ ସୁପ୍ରିମୋଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି କଂଗ୍ରେସର ଅସନ୍ତୁଷ୍ଟ ଯୁବନେତା ତଥା ଜିଲ୍ଲା କଂଗ୍ରେସ କମିଟି ସଭାପତି ବିଜୟ ଗମାଙ୍ଗଙ୍କ ପୁଅ ଅବିନାଶ ଗମାଙ୍ଗ ସ୍ୱାଧୀନ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ନାମାଙ୍କନ ପତ୍ର ଦାଖଲ ବେଳେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ତଥା କଂଗ୍ରେସ ନେତ୍ରୀ କେତକୀ ଗମାଙ୍ଗ ଉପସ୍ଥିତ ଥିଲେ ।

## ଶେଷଦିନ ସୁଦ୍ଧା ପାରଳାରେ ୧୧ ଓ ମୋହନାରେ ୮ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

ପାରଳାଖେମୁଣ୍ଡି,୨୫।୪(ପି.ଏନ): ଦେଶର ୪ର୍ଥ ତଥା ଓଡିଶାର ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଜାରି ରହିଥିବା ନାମାଙ୍କନ ପ୍ରକ୍ରିୟା ଆଜି ଶେଷ ହୋଇଛି । ଶୁକ୍ରବାର ଯାଞ୍ଚ ପ୍ରକ୍ରିୟା ଅନୁଷ୍ଠିତ ହେବାକୁ ଥିବା ବେଳେ ୨୯ ତାରିଖ ଦିନ ଚୁଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ତେବେ ଶେଷ ଦିନରେ ଗଜପତି ଜିଲ୍ଲାରେ ଥିବା ଉଭୟ ମୋହନା ଏବଂ ପାରଳାଖେମୁଣ୍ଡି ଆସନ ପାଇଁ ୯ଜଣ ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ନାମାଙ୍କନର ଶେଷଦିନ ସୁଦ୍ଧା ପାରଳାଖେମୁଣ୍ଡି ଆସନରେ ମୋଟ ୧୧ଜଣ ନାମାଙ୍କନ ଦାଖଲ କରିଥିବା ଜଣାପଡିଛି । ସେମାନଙ୍କ ମଧ୍ୟରେ ସ୍ୱାଧୀନ ଭାବେ ଆମୋଦ କୁମାର ପ୍ରଧାନ, ବିଜେଡିରୁ ରୂପେଶ ପାଣିଗ୍ରାହୀ, କଂଗ୍ରେସରୁ ବିଜୟ କୁମାର ପଟ୍ଟନାୟକ, ବିଜେପିରୁ କେ.ନାରାୟଣ ରାଓ, ଏଆଇଏଫ୍ ?ବିରୁ ପି.ମୂରଲିକ୍ରିଷ୍ଣା, ସ୍ୱାଧୀନ ଭାବେ ବିକାଶ ଚନ୍ଦ୍ର ସିଂ, ଆପ୍‌ରୁ ମନୋଜ କୁମାର ବଡନାୟକ, ସ୍ୱାଧୀନ ଭାବେ ପ୍ରବିନ୍ଦ୍ରସିଂ ଓ ନ୍ୟାସନାଲ ଆପନା ପାର୍ଟିରୁ ପ୍ରୀତିଲତା ପଟ୍ଟନାୟକଙ୍କ ନାମାଙ୍କନ ଦାଖଲ କରିଥିବା ଜଣାପଡିଛି । ପାରଳାଖେମୁଣ୍ଡି ଆସନ ପାଇଁ ବିଜେପିରୁ କେ.ନାରାୟଣ ରାଓ ତାଙ୍କ ଦ୍ୱିତୀୟ ସେଟ ନାମାଙ୍କନ ଦାଖଲ କରିଥିବା ବେଳେ ଆମ ଆଦମୀ ପାର୍ଟିରୁ ମନୋଜ ବଡନାୟକ, ସ୍ୱାଧୀନ ପ୍ରାର୍ଥୀ ଭାବେ ସଞ୍ଜୟ ରାଉତ ଏବଂ ନ୍ୟାସନାଲ ଆପନି ପାର୍ଟିରୁ ପ୍ରୀତିଲତା ପଟ୍ଟନାୟକ, ସ୍ୱାଧୀନ ପ୍ରାର୍ଥୀ ଭାବେ ବିଦ୍ୟାଧର ମହାଙ୍କୁଡ, ପ୍ରବିନ୍ଦ୍ର ସିଂ ପ୍ରମୁଖ ୬ଜଣ ପ୍ରାର୍ଥୀ ଆଜି ନାମାଙ୍କନ ଦାଖଲ କରିଛନ୍ତି ।ସେହିପରି ମୋହନା ଆସନରେ ମୋଟ ୮ ଜଣ ନାମାଙ୍କନ ଦାଖଲ କରିଛନ୍ତି । ବିଜେଡିରୁ ଅନ୍ତର୍ଯାମୀ ଗମାଙ୍ଗ, କଂଗ୍ରେସରୁ ଦାଶରଥି ଗମାଙ୍ଗ, ବିଜେପିରୁ ପ୍ରଶାନ୍ତ ମଲ୍ଲିକ, ସ୍ୱାଧୀନ ଭାବେ ଦଣ୍ଡାସୀ ଖଣ୍ଡୁଆଲ, ମଞ୍ଜେସ ଦଳବେହେରା, ରୁବେନ ମଣ୍ଡଳ, ପୂର୍ଣ୍ଣଚନ୍ଦ୍ର ଗମାଙ୍ଗ ଓ ମାନସ ଲୋକଶକ୍ତି ଦଳରୁ ଜୋହନ ମଲ୍ଲିକଙ୍କ ନାମାଙ୍କନ ଦାଖଲ ହୋଇଛି । ଆଜି ମୋହନା ଆସନ ପାଇଁ ସ୍ୱାଧୀନ ଭାବେ ରୁବେନ ମଣ୍ଡଳ, ପୂର୍ଣ୍ଣଚନ୍ଦ୍ର ଗମାଙ୍ଗ, ଜହନ ମଲ୍ଲିକ ଆଦି ୩ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ଦାଖଲ କରିଛନ୍ତି । ଜିଲ୍ଲାର ଦୁଇଟି ନିର୍ବାଚନ ମଣ୍ଡଳୀରେ ମୋଟ ୧୯ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଆସନ୍ତାକାଲି ପ୍ରାର୍ଥୀପତ୍ର ଯାଞ୍ଚ ପରେ ଚୁଡାନ୍ତ ତାଲିକା ପ୍ରକାଶ ପାଇବ ବୋଲି ଜଣାପଡିଛି ।

## ସୁରେଶ ପୂଜାରୀଙ୍କ ଘର ଉପରେ ଉଡିଲା ବିରାଟକାୟ ଡ୍ରୋନ୍



ଭୁବନେଶ୍ୱର,୨୫।୪(ପି.ଏନ): ବରଗଡ ସାଂସଦ ସୁରେଶ ପୂଜାରୀଙ୍କ ଘର ଉପରେ ଉଡିଲା ସନ୍ଦିଗ୍ଧ ଡ୍ରୋନ୍ । ପରେ ଡ୍ରୋନ୍‌ଟି ବିଦ୍ୟୁତ ଟାୱାରରେ ପିଟି ହୋଇ ତଳେ ଖସି ପଡିଥିଲା । ତେବେ କିଏ, କ'ଣ ପାଇଁ ଓ କେଉଁ ଉଦ୍ଦେଶ୍ୟରେ ଏହି ଡ୍ରୋନ୍ ଉଡାଉଥିଲା, ତାହା ଜଣାପଡି ନାହିଁ । ଝାରସୁଗୁଡା ପୁଲିସ୍ ଡ୍ରୋନ୍‌କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି । ବ୍ରଜରାଜନଗର ବିଧାନସଭା ପ୍ରାର୍ଥୀ ହେଉଛନ୍ତି ସୁରେଶ ପୂଜାରୀ । ସେ ବେଲପାହାଡ ଗାନ୍ଧି ଛକ ଆମ୍ବଝର ନିକଟରେ ଏକ ଘର ଭଡାରେ ନେଇଛନ୍ତି । ଆଉ ସେହି ଘରେ ସେ ରୁହନ୍ତି । ଆଜି ଦିନ ଦି'ପହରରେ ସୁରେଶ ପୂଜାରୀ ଘରେ ନଥିଲେ । ନିର୍ବାଚନ ପ୍ରଚାର ପାଇଁ ଯାଇଥିଲେ । ଠିକ୍ ସମୟରେ ଗୋଟିଏ ବଡ ଡ୍ରୋନ୍ ଶ୍ରୀ ପୂଜାରୀଙ୍କ ଘର ଉପରେ ଉଡିଥିଲା । ପରେ ଡ୍ରୋନ୍ ଘର ପାର୍ଶ୍ୱରେ ଥିବା ବିଦ୍ୟୁତ୍ ଟାୱାରରେ ପିଟି ହୋଇ ତଳେ ପଡି ଯାଇଥିଲେ ।

## ଜାମିନ ପାଇବା ପାଇଁ ମିଛ ସାକ୍ଷୀ ସହ ଜାଲି ପ୍ରମାଣପତ୍ର ଦେବା ମହଙ୍ଗା ପଡିଲା; ୩ ଅଭିଯୁକ୍ତ ଗିରଫ



ଭୁବନେଶ୍ୱର: କୋର୍ଟରୁ ଜାମିନ ପାଇବା ପାଇଁ ମିଛ ସାକ୍ଷୀ ସହ ଜାଲି ପ୍ରମାଣପତ୍ର ଦେବା ମହଙ୍ଗା ପଡିଛି । ଅଭିଯୁକ୍ତଙ୍କ ଜାମିନ ଖାରଜ ହେବା ସହ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ତିନିଜଣ ଅଭିଯୁକ୍ତ ଗିରଫ ହୋଇନ୍ତି । ସୂଚନା ଅନୁସାରେ ନନ୍ଦନକାନନ ଥାନାର ଏକ ୬ କୋଟି ଟଙ୍କାର ପ୍ରପର୍ଟି ଅଫେନ୍ସ ମାମଲାରେ ସମୀର ପଟ୍ଟନାୟକ ନାମକ ଜଣେ ବ୍ୟକ୍ତି ଗିରଫ ହୋଇଥିଲେ । ତାଙ୍କ ଜାମିନ ପାଇଁ ଭୁବନେଶ୍ୱର ଜେଏମ୍‌ଏଫ୍‌ସ କୋର୍ଟ ୩ କୋଟି ଟଙ୍କାର ପ୍ରପର୍ଟି ସିଓରିଟି ବେଲ୍ ବଣ୍ଡ ଦେବାକୁ କହିଥିଲେ । ହେଲେ ପ୍ରକୃତ ୩ କୋଟି ଟଙ୍କାର ବେଲ୍ ବଣ୍ଡ ଦେବା ବଦଳରେ ଜାଲିଆତି କରି ପାଖାପାଖି ୫୭ ଲକ୍ଷ ଟଙ୍କାର ବେଲ ବଣ୍ଡକୁ କୋର୍ଟରେ ୩ କୋଟି ଟଙ୍କାର ଦର୍ଶାଇଥିଲେ ଦୁର୍ବୃତ୍ତ । କେବଳ ଏତିକି ନୁହେଁ । ଜଣେ ମୃତ ବ୍ୟକ୍ତିଙ୍କ ନାଁରେ ଥିବା ସମ୍ପତ୍ତିକୁ ଆଉ ଜଣେ ଜୀବିତ ବ୍ୟକ୍ତିଙ୍କର ସମ୍ପତ୍ତି ଦେଖାଇ କୋର୍ଟରେ ହାଜର କରାଇଥିଲେ । ସନ୍ଦେହ ହେବାରୁ କୋର୍ଟ ବଡ଼ଗଡ ଥାନା ପୁଲିସକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ ।

## କଂଗ୍ରେସ ନୁହେଁ, ଦେବଗୌଡା ଲାଗୁ କରିଥିଲେ 'ମୁସଲିମ ସଂରକ୍ଷଣ'



ଭୁବନେଶ୍ୱର,୨୫।୪(ପିଏନ):ଲୋକସଭା ନିର୍ବାଚନରେ ବିଜେପି ପାଇଁ ଭୋଟ ମାଗୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'କଂଗ୍ରେସ ମୁସଲମାନଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିଥିଲା' ଅଭିଯୋଗ ମିଛ ବୋଲି କହିଛନ୍ତି କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀ ସିଦ୍ଧରାମୟା । ଏହି ବ୍ୟବସ୍ଥା ଏଚ୍‌ଡି ଦେବଗୌଡାଙ୍କ ଜନତା ଦଳ ସରକାର ଲାଗୁ କରିଥିଲେ ବୋଲି ସେ କହିଛନ୍ତି । ଦେବଗୌଡାଙ୍କ ଦଳ ଏବେ ବିଜେପି ସହିତ ମେଣ୍ଟରେ ଅଛି । ଗୋଟିଏ ନିର୍ବାଚନ ରାଲିରେ ମୋଦି କହିଥିଲେ ଯେ କଂଗ୍ରେସ ନେତୃତ୍ୱାଧୀନ କର୍ଣ୍ଣାଟକା ସରକାର ରାଜ୍ୟର ଓବିସି ବର୍ଗରେ ମୁସଲିମ ସଂପ୍ରଦାୟର ଲୋକଙ୍କୁ ସାମିଲ କରିଥିଲେ । କିନ୍ତୁ ସାମ୍ନାକୁ ଆସିଥିବା ଦସ୍ତାବିଜ କିଛି ଭିନ୍ନ କଥା କହୁଛି । କଂଗ୍ରେସ ନୁହେଁ, ବରଂ ୧୯୯୫ରେ ରାଜ୍ୟରେ କ୍ଷମତାରେ ଥିବା ଏଚ୍‌ଡି ଦେବଗୌଡାଙ୍କ ଜନତା ଦଳ ମୁସଲିମ ସଂପ୍ରଦାୟର ଲୋକଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିଥିଲା ।

## ଭୟଙ୍କର ଗ୍ରୀଷ୍ମ ପ୍ରବାହ; ୪୫ ଡିଗ୍ରୀ ପାର୍ କରିବ ତାତି !



ଭୁବନେଶ୍ୱର,୨୫।୪(ପି.ଏନ): ଅସମ୍ଭାଳ ହେଉଛି ତାତି । ଆଗକୁ ଆହୁରି ବଢ଼ିବ । ଭୟଙ୍କର ରୂପ ଧାରଣ କରିବ ତାତି । ଅସ୍ତବ୍ୟସ୍ତ କରିବ ଜୀବନ ଯାତ୍ରା । ଆଜି ପରି ଆଗାମୀ ୪ ଦିନ ଘାଣ୍ଟିବ ତାତି । ସେଥିପାଇଁ ସତର୍କ ସୂଚନା ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର । ତେବେ ଶୁକ୍ରବାର ଓ ଶନିବାର ଭୟଙ୍କର ଗ୍ରୀଷ୍ମ ପ୍ରବାହ ହେବା ନେଇ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ସେହି ଦୁଇ ଦିନ ତାପମାତ୍ରା ୪୫ ଡିଗ୍ରୀ ପାର କରିବ ବୋଲି ଅନୁମାନ କରାଯାଉଛି । ଶୁକ୍ରବାର ମୟୂରଭଞ୍ଜ, ବାଲେଶ୍ୱର, ଢେଙ୍କାନାଳ, ଝାରସୁଗୁଡା, ଗଞ୍ଜାମ, ଗଜପତି, କଳାହାଣ୍ଡି, ବଲାଙ୍ଗିର ଓ ନୂଆପଡି ଜିଲ୍ଲାରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ହେବ । ସେଥିପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ମାଲକାନଗିରି, ରାୟଗଡା, କନ୍ଧମାଳ, ସୋନପୁର, ବୌଦ୍ଧ, ବରଗଡ, ସମ୍ବଲପୁର, ସୁନ୍ଦରଗଡ, ଦେବଗଡ, ଅନୁଗୋଳ, ନୟାଗଡ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଭଦ୍ରକ, ଯାଜପୁର ଓ କେନ୍ଦୁଝରରେ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ରହିଛି । ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି ।

## ଜଙ୍ଗଲରେ ସୁରକ୍ଷାକର୍ମୀ- ମାଓବାଦୀ ଗୁଳି ବିନିମୟ, ଏନକାଉଣ୍ଟରରେ ୨ ମାଓବାଦୀ ନିହତ



ବୌଦ୍ଧ,୨୫।୪(ପି.ଏନ): ଦିନକୁ ଦିନ ମାଓବାଦୀଙ୍କ ଉପଦ୍ରବ ବୃଦ୍ଧି ପାଉଥିବା ବେଳେ ଏହା ସାଧାରଣ ଜନତା ଏବଂ ପୋଲିସ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି । ଏଥିମଧ୍ୟର ବୌଦ୍ଧ କଣ୍ଟାମାଳ ଥାନା ପଢ଼େଲ ଡ୍ୟାମ ନିକଟ ଜଙ୍ଗଲରେ ଏନକାଉଣ୍ଟରରେ ୨ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ଖବର ସାମ୍ନାକୁ ଆସିଛି । ଭୋର ସମୟରେ କମ୍ବିଂ ଅପରେସନ ବେଳେ ସୁରକ୍ଷାକର୍ମୀ ଏବଂ ମାଓବାଦୀଙ୍କ ମଧ୍ୟରେ ୨ ଘଣ୍ଟା କାଳ ଗୁଳିବିନିମୟ ହୋଇଥିଲା । ଏଥିରେ ସୁରକ୍ଷାକର୍ମୀମାନେ ୨ ମାଓବାଦୀଙ୍କୁ ଏନକାଉଣ୍ଟର କରିଥିଲେ । ବର୍ତ୍ତମାନ ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ ଜାରି ରହିଛି । ଗ୍ରେନେଡ ଓ ବିପୁଳ ଅସ୍ତ୍ରଶସ୍ତ୍ର ସହ ମାଓ ସାମଗ୍ରୀ ଜବତ କରାଯାଇଛି । ଅପରପକ୍ଷରେ ଜଙ୍ଗଲରେ ୪୦ରୁ ୫୦ ଜଣ ମାଓବାଦୀ ଲୁଚି ରହିଥିବା ସନ୍ଦେହ କରାଯାଉଛି । ତେଣୁ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ ଜାରି ରହିଛି ।

## ବାଇକ୍ ସହ ସ୍କୁଟି ମୁହାଁମୁହିଁ, ୨ ଯୁବକ ମୃତ

ଢେଙ୍କିକୋଟ,୨୫।୪(ପି.ଏନ): କେନ୍ଦୁଝର ଜିଲ୍ଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ୨୦ ନଂ ଜାତୀୟ ରାଜପଥର ଟିକିରା ଭାରତ ପେଟ୍ରୋଲ ପମ୍ପ ନିକଟରେ ଆଜି ସନ୍ଧ୍ୟାରେ ଏକ ବାଇକ୍ ସହ ସ୍କୁଟି ମୁହାଁମୁହିଁ ହେବାରୁ ଘଟଣାସ୍ଥଳରେ ଉଭୟ ସ୍କୁଟି ଓ ବାଇକ୍ ଚାଳକ ପ୍ରାଣ ହରାଇଛନ୍ତି । ମୃତକମାନେ ହେଲେ ଦେବ ପ୍ରସାଦ ମାଝୀ (୨୪) ଓ ଶିବ ନନ୍ଦନ ପ୍ରଧାନ (୨୪) ।ସୂଚନା ଅନୁସାରେ ଢେଙ୍କିକୋଟ ପଞ୍ଚାୟତ ଟିକିରା ଗ୍ରାମର ବିମଳ ମାଝୀଙ୍କ ପୁଅ ପପୁ ଓରଫ ଦେବ ପ୍ରସାଦ ମାଝୀ ଓ ସ୍କୁଟି ଚାଳକ ଜଣକ ଶିବ ନନ୍ଦନ ପ୍ରଧାନ ଟିକିରାସ୍ଥିତ ଭାରତ ପେଟ୍ରୋଲ ପମ୍ପ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲେ । ଉଭୟଙ୍କୁ ଗୁରୁତର ଅବସ୍ଥାରେ ଘଟଗାଁ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ । ଶିବ ନନ୍ଦନଙ୍କ ଘର ଝାଡଖଣ୍ଡ ହୋଇ ଥିବା ବେଳେ ସେ ଘଟଗାଁ ନିକଟ ଗୋଳାବନ୍ଧ ଗ୍ରାମକୁ ଯାଉଥିଲେ । ଢେଙ୍କିକୋଟ ଫାଣ୍ଡି ଅଧିକାରୀ ତ୍ରିନାଥ ନାଏକ ଘଟଣାର ତଦନ୍ତ କରିବା ସହ ଦୁର୍ଘଟଣାଗ୍ରସ୍ତ ବାଇକ ଓ ସ୍କୁଟିକୁ ଜବତ କରିଛନ୍ତି ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ ରହିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଋଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଋହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା। ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି। ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋ। ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାର ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁଭବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱିଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଋରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।




# କିର୍ଡ଼େଶ୍ୱରୀ ବିମଳା ଭୁବନେଶ୍ୱରୀ ଶକ୍ତିପୀଠ, ପଶ୍ଚିମବଙ୍ଗ

**ଦେ**ବୀ ଭାଗବତ ପୁରାଣରେ ୧୦୮, କାଳିକା ପୁରାଣରେ ୨୬, ଶିବଚରିତରେ ୫୧, ଦୁର୍ଗାଶପ୍ତସତୀ ଏବଂ ତନ୍ତ୍ର ଚୂଡ଼ାମଣିରେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ଗୁଡ଼ିକର ସଂଖ୍ୟା ୫୨ ବୋଲି କୁହାଯାଇଛି। ମାତ୍ର ଶକ୍ତିପୀଠ ସଂଖ୍ୟା ୫୧ ଟି ବୋଲି କେତେକ ମତ ଦିଅନ୍ତି। ତେବେ ତନ୍ତ୍ର ଚୂଡ଼ାମଣିରେ ୫୨ ଟି ଶକ୍ତିପୀଠ ସଂପର୍କରେ କୁହାଯାଇଛି। ତେବେ ମାତା ସତୀଙ୍କ ୫୧ଟି ଶକ୍ତିପୀଠ ମାନଙ୍କ ମଧ୍ୟରେ "କିରୀଟ ବିମଳା ଭୁବନେଶ୍ୱରୀ ଶକ୍ତିପୀଠ" ଅନ୍ୟତମ। ଏହି ଶକ୍ତିପୀଠ ହିନ୍ଦୁମାନଙ୍କର ପ୍ରମୁଖ ଧାର୍ମିକ ସ୍ଥଳ ଭାବେ ବେଶ୍ ପରିଚିତ। ଏହି ଶକ୍ତିପୀଠ ସାରା ଭାରତରେ ବିଖ୍ୟାତ।



**କିପରି ସୃଷ୍ଟି ହେଲା ଏହି ଶକ୍ତିପୀଠ:** ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସରଂଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥା କଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ। ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହା ପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ। ମାତ୍ର କୌଣସି ପ୍ରକାର



ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ ଠାରେ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଞ୍ଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଏହାଦ୍ୱାରା ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହୋଇ ଉଠିଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବ ଦେବୀ ମାନେ ଏହାର ସମାଧାନ ବା ଭଗବାନ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମରଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖିରୁ ବର୍ତ୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ।



କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପ-ମହାଦେଶର ଅନେକ ସ୍ଥାନରେ ବିଞ୍ଚିହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ଶକ୍ତିପୀଠଗୁଡ଼ିକ ମଧ୍ୟରେ "କିରୀଟ (କିର୍ଡ଼େଶ୍ୱରୀ) ବିମଳା ଭୁବନେଶ୍ୱରୀ ଶକ୍ତିପୀଠ"ଅନ୍ୟତମ। ଏହା ପଶ୍ଚିମବଙ୍ଗ ରାଜ୍ୟ ଅନ୍ତର୍ଗତ ମୁର୍ଷିଦାବାଦ ଜିଲ୍ଲାର କିରୀଟକୋଣ ଗ୍ରାମରେ ଅବସ୍ଥିତ। ଏଠାରେ ମାତା ସତୀଙ୍କର ମୁକୁଟ ଖଣ୍ଡ ପଡ଼ିଥିଲା। ଏଠାରେ ମାତା ଶକ୍ତିଙ୍କୁ 'ଭୁବନେଶ୍ୱରୀ' ଓ ଭଗବାନ ଶିବଙ୍କୁ 'ସଂବର୍ତ୍ତ'ରୂପରେ ପୂଜା କରା ଯାଇଥାଏଏ।

ଏହି ଶକ୍ତିପୀଠରେ ବର୍ଷ ସାରା ବିଭିନ୍ନ ପର୍ବ ପର୍ବାଣୀ ଧୂମଧାମ୍‌ରେ ପାଳିତ ହୋଇଥାଏ। ବିଶେଷତଃ ଦୁର୍ଗା ପୂଜା ଓ ପବିତ୍ର ନବରାତ୍ର ଉତ୍ସବ ଏଠାରେ ଧୂମଧାମରେ ପାଳନ କରାଯାଏ। ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ମନ, ପ୍ରାଣ ଓ ହୃଦୟ କୁ ଶାନ୍ତି ପ୍ରଦାନ କରିଥାଏ। ବର୍ଷର ସବୁ ସମୟରେ ମାତାଙ୍କର ଏହି ଶକ୍ତିପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ଦେବୀଙ୍କର ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତାଙ୍କୁ ପୂଜା କରିବାକୁ ଏଠାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ।




**କେମିତି ଯିବେ:-**ହାଓଡ଼ା ରେଳ ଷ୍ଟେଷନ୍ ଠାରୁ ୨.୫ କିମି ଯିବା ପରେ ଲାଲବାଗ୍ କୋଟ ଷ୍ଟେଷନ ପଡ଼ିବ ଓ ସେଠାରୁ ୫ କିଲୋମିଟର ଦୂରରେ ହିଁ "କିରୀଟ ବିମଳା ଭୁବନେଶ୍ୱରୀ ଶକ୍ତିପୀଠ" ଅବସ୍ଥିତ। ଏହି ଶକ୍ତିପୀଠ କୋଲକତା ମହାନଗରୀ ଭିତରେ ହିଁ ଅବସ୍ଥିତ।

# ବିପର୍ଯ୍ୟୟ ମୁହାଁ ପୃଥିବୀ

**୧**୨୨ ବର୍ଷ ପରେ ଚଳିତ ବର୍ଷ ମାର୍ଚ୍ଚ ମାସରେ ଗ୍ରୀଷ୍ମ ପ୍ରବାହ ରେକର୍ଡ ଭଙ୍ଗ କରିଥିବାବେଳେ ଏପ୍ରିଲ ମାସରେ ଅସହ୍ୟ ହୋଇପଡିଥିଲା। ଆମ ରାଜ୍ୟରେ ୨୨ ସହରର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଥିବାବେଳେ ୯ଟି ସ୍ଥାନରେ ତାପମାତ୍ରା ୪୩ ଡିଗ୍ରୀ ଟପିଛି। କେବଳ ଏତିକି ନୁହେଁ, ଆଗକୁ ରୌଦ୍ରତାପ ଆହୁରି ଦୁଇରୁ ତିନି ଡିଗ୍ରୀ ବଢିବା ନେଇ ପାଣିପାଗ ବିଭାଗ ସତର୍କ ସୂଚନା ଦେଇଥିଲା। ତେବେ ଏହି ଅସ୍ୱାଭାବିକ ତାପମାତ୍ରା ବୃଦ୍ଧି ବିଶ୍ୱ ଜଳବାୟୁ ପରିବର୍ତନ ଓ ବିଶ୍ୱ ତାପମାତ୍ରା ବୃଦ୍ଧିର କାରଣ ବୋଲି କୁହାଯାଏ। ତେବେ ବିଶ୍ୱ ଜଳବାୟୁ ପରିବର୍ତନ ନେଇ ସଦ୍ୟ ପ୍ରକାଶିତ ଜାତିସଂଘ ରିପୋର୍ଟରେ ଯାହା କୁହାଯାଇଛି, ତାହା ଯେତିକି ଚିନ୍ତାଜନକ, ସେତିକି ଉଦ୍‌ବେଗଜନକ। ଜଳବାୟୁ ପରିବର୍ତନ ପ୍ରଭାବରେ ଗ୍ରୀଷ୍ମପ୍ରବାହ ବଢିବା ସହ ପ୍ରାକୃତିକ ବିପର୍ଯ୍ୟୟ ବୃଦ୍ଧି ପାଇବ ବୋଲି ରିପୋର୍ଟରେ କୁହାଯାଇଛି। ୨୦୩୦ ସୁଦ୍ଧା ବର୍ଷକୁ ଅତି କମରେ ୫୬୦ଟି ପ୍ରାକୃତିକ ବିପର୍ଯ୍ୟୟ ଘଟିବ। ଏହାଦ୍ୱାରା ମାନବ ସମାଜର ଉଭୟ ଜୀବନ-ଜୀବିକା ଗୁରୁତର ଭାବେ ପ୍ରଭାବିତ ହେବ। ଉଲ୍ଲେଖଯୋଗ୍ୟ ୨୦୧୫ ମସିହାରେ ବିଶ୍ୱ ସର୍ବାଧିକ ୪୦୦ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ବେଳେ ୧୯୭୦ରୁ ୨୦୦୦ ମସିହା ମଧ୍ୟରେ ବିଶ୍ୱରେ ପ୍ରତିବର୍ଷ ୯୦ରୁ ୧୦୦ଟି ପ୍ରାକୃତିକ ବିପର୍ଯ୍ୟୟ ଘଟିଥିଲା। ଜଳବାୟୁ ପରିବର୍ତନ ଦ୍ୱାରା ଅସହ୍ୟ ଗ୍ରୀଷ୍ମ ପ୍ରବାହ, ଅନାବୃଷ୍ଟି, ଅତିବୃଷ୍ଟି, ସାମୁଦ୍ରିକ ଝଡ ବାତ୍ୟା ସଂଖ୍ୟା ମଧ୍ୟ ପ୍ରତିବର୍ଷ ବଢିବାରେ ଲାଗିଛି। ଏ ନେଇ ଆମ ରାଜ୍ୟ ଗତ ଦୁଇ ଦଶନ୍ଧି ମଧ୍ୟରେ ସମ୍ମୁଖୀନ ହୋଇଥିବା ସାମୁଦ୍ରିକ ଝଡ ବାତ୍ୟାର ଉଦାହରଣ ଦେଲେ ଯଥେଷ୍ଟ ହେବ। କହିବା ବାହୁଲ୍ୟ ଯେ, ୧୯୯୯ ମସିହାରେ ଓଡିଶା ମହାବାତ୍ୟାର ସମ୍ମୁଖୀନ ହୋଇଥିବାବେଳେ ଏହାର ୧୨ବର୍ଷ ପରେ ଅର୍ଥାତ ୨୦୧୨ରେ ଫାଇଲିନ ପରି ବାତ୍ୟାରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ସେହିବର୍ଷଠାରୁ ପ୍ରତିବର୍ଷ ରାଜ୍ୟରେ ସାମୁଦ୍ରିକ ଝଡ ବିପର୍ଯ୍ୟୟର କାରଣ ହୋଇଥିବାବେଳେ ଏବେ ୨୦୧୮ ମସିହାରୁ ପ୍ରତିବର୍ଷ ଗ୍ରୀଷ୍ମଋତୁରେ ମଧ୍ୟ ସାମୁଦ୍ରିକ ବାତ୍ୟା ଦ୍ୱାରା ରାଜ୍ୟର ଉପକୂଳ ଅଂଚଳ କ୍ଷତିଗ୍ରସ୍ତ ହେଉଛି। କେବଳ ଆମ ରାଜ୍ୟ ନୁହେଁ, ପଶ୍ଚିମ ଉପକୂଳ ଅଂଚଳରେ ମଧ୍ୟ ବର୍ଷା ଓ ଗ୍ରୀଷ୍ମଋତୁରେ ସାମୁଦ୍ରିକ ଝଡବାତ୍ୟା ସଂଘଟିତ ହେଉଛି। ସେହିପରି ବିଶ୍ୱର ସମସ୍ତ ମହାଦେଶ ଏବଂ ସମୁଦ୍ର କୂଳରେ ଅବସ୍ଥିତ ଦେଶଗୁଡ଼ିକରେ ପ୍ରତିବର୍ଷ ଝଡବାତ୍ୟା ସୃଷ୍ଟି ହେଉଛି। ଯାହାର ସଂଖ୍ୟା ବର୍ଷକୁ ବର୍ଷ ବଢିଚାଲିଛି। ସେହିପରି ଗ୍ରୀଷ୍ମପ୍ରବାହ ଯୋଗୁଁ ୧୯୯୮ର ଅଂଶୁଘାତ ମୃତ୍ୟୁ ଏ ପର୍ଯ୍ୟନ୍ତ ମନରୁ ଲିଭିନାହିଁ। ସେହିପରି ଜଳବାୟୁ ପରିବର୍ତନ ଯୋଗୁଁ ଗ୍ରୀଷ୍ମପ୍ରବାହ ମଧ୍ୟ କିଛି କମ୍ ନୁହେଁ। ଅଷ୍ଟ୍ରେଲିଆ, ୟୁରୋପ ମହାଦେଶରେ ଅଭୂତପୂର୍ବ ଗ୍ରୀଷ୍ମ ପ୍ରବାହ ହେଉଛି ଏହାର ଜ୍ୱଳନ୍ତ ଉଦାହରଣ। ଅନ୍ୟପକ୍ଷରେ ଜଳବାୟୁ ପରିବର୍ତନ ଯୋଗୁଁ ଦୁଇ ମେରୁରେ ବରଫ ତରଳିବା ସହ ସମୁଦ୍ର ଜଳ ପତନ ବଢିବାରେ ଲାଗିଛି। ଗତ କିଛିବର୍ଷ ମଧ୍ୟରେ ସମୁଦ୍ର ଜଳପତନ ବୃଦ୍ଧି ପାଉଥିବାବେଳେ ଆଗକୁ ଆହୁରି ବଢିବ ବୋଲି ପାଣିପାଗ ବିଶାରଦମାନେ ଚେତାବନୀ ଦେଇଛନ୍ତି। ଆହୁରି ମଧ୍ୟ ସମୁଦ୍ର ଜଳପତନ ବୃଦ୍ଧି ଯୋଗୁଁ ଭାରତ ସମେତ ବିଶ୍ୱର ବହୁ ଉପକୂଳ ଅଂଚଳ ସମୁଦ୍ର ଗର୍ଭରେ ଲୀନ ହୋଇଯିବ ବୋଲି ବୈଜ୍ଞାନିକମାନେ ସତର୍କବାଣୀ ଶୁଣାଇ ସାରିଲେଣି। ଅନ୍ୟପକ୍ଷରେ ସମୁଦ୍ରରେ ଏବେ ଉଚ୍ଚ ଢେଉ ସୃଷ୍ଟି ହେବା କୂଳ ଲଂଘନ କରୁଥିବା ମଧ୍ୟ ଦେଖାଯାଏ। ଅନ୍ୟପକ୍ଷରେ ବିଶ୍ୱ ଜଳବାୟୁ ପରିବର୍ତନ ଓ ତାପମାତ୍ରା ବୃଦ୍ଧି ଯୋଗୁଁ ଯେଉଁ ଯେଉଁ ଚିନ୍ତାଜନକ ପରିସ୍ଥିତି ଉପୁଜିଛି, ତାହା ହେଉଛି ହିମାଳୟରେ ବରଫ ତରଳିବା। କୁହାଯାଇଛି ଯେ, ହିମାଳୟରେ ବରଫ ତରଳିବା ଯୋଗୁଁ ୪୦ ପ୍ରତିଶତ କ୍ଷୟ ଘଟି ସାରିଲାଣି। ଦୁଇବର୍ଷ ତଳେ ହିମାଳୟରେ ବରଫ ଖଣ୍ଡ ତରଳି ଅଚାନକ ବନ୍ୟା ପରିସ୍ଥିତି ଉପୁଜିଥିଲା, ଯେଉଁଥିରେ ବ୍ୟାପକ ଧନଜୀବନ କ୍ଷତି ଘଟିଥିଲା। ଆହୁରି ମଧ୍ୟ ବରଫ ଖଣ୍ଡ (ଗ୍ଲେସିୟର) ତରଳି ପେଙ୍ଗାଙ୍ଗ ହ୍ରଦ ପାଣିରେ ଲଦାଖ ଭୂଖଣ୍ଡ ଦିନେ ପାଣିରେ ବୁଡିବ ବୋଲି ପାଣିପାଗ ବିଶେଷଜ୍ଞମାନେ ସତର୍କ କରାଇ ସାରିଲେଣି। ଏବେ ବରଫ ଖଣ୍ଡ ତରଳିବା ଯୋଗୁଁ ପ୍ରତିବର୍ଷ ପେଙ୍ଗାଙ୍ଗ ହ୍ରଦର ଜଳପତନ ବୃଦ୍ଧି ପାଇବାରେ ଲାଗିଛି। ଗବେଷକମାନଙ୍କ ରିପୋର୍ଟ ଅନୁଯାୟୀ ୧୯୯୦ରୁ ୨୦୨୦ ମସିହା ମଧ୍ୟରେ ୬.୭ ପ୍ରତିଶତ ଗ୍ଲେସିୟର ତରଳିଛି। ପ୍ରତିବର୍ଷ ୦.୨୩ ପ୍ରତିଶତ ଗ୍ଲେସିୟର ତରଳୁଛି। ଜଳବାୟୁରେ ଅଙ୍ଗାରକାମ୍ଳ ମାତ୍ରା ବୃଦ୍ଧି ପାଇବା ଯୋଗୁଁ ବାୟୁମଣ୍ଡଳ ଉତପ୍ତ ହେବା ପ୍ରାକୃତିକ ବିପର୍ଯ୍ୟୟର କାରଣ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଶିଳ୍ପବିକାଶ, ବନାଗ୍ନି, ଆଖିବୁଜା ଗଛକଟା, ଯାନବାହାନରୁ ନିର୍ଗତ ଧୂଆଁ ଯୋଗୁଁ ୧୭୫୦ ମସିହାଠାରୁ ବିଶ୍ୱରେ ଅଙ୍ଗାରକାମ୍ଳ ଗ୍ୟାସ ବୃଦ୍ଧି ପାଇଥିବାବେଳେ ୧୯୭୦ ମସିହା ପରଠାରୁ ବିଶ୍ୱ ତାପମାତ୍ରା ବୃଦ୍ଧି ପରିଲକ୍ଷିତ ହୋଇଛି। ଗତ ୫୦ବର୍ଷ ମଧ୍ୟରେ ବିଶ୍ୱ ତାପମାତ୍ରା ଯେତିକି ବୃଦ୍ଧି ପାଇଛି, ଗତ ଦୁଇ ହଜାର ବର୍ଷ ମଧ୍ୟରେ ସେତିକି ବୃଦ୍ଧି ପାଇନଥିଲା। ବିଶ୍ୱ ଜଳବାୟୁରେ ଅସ୍ୱାଭାବିକ ପରିବର୍ତନ ଏବଂ ତାପମାତ୍ରା ବୃଦ୍ଧି କେବଳ ପ୍ରାକୃତିକ ବିପର୍ଯ୍ୟୟର କାରଣ ହୋଇନାହିଁ, ଏହାଦ୍ୱାରା ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥା, ଶସ୍ୟହାନୀ, ଖାଦ୍ୟାଭାବ, ଜଳାଭାବ ଏବଂ କୋରୋନା ପରି ମହାମାରୀ ପରିସ୍ଥିତିର ସମ୍ମୁଖୀନ ହେବା ନିଶ୍ଚିତ ବୋଲି ଜାତିସଂଘ ରିପୋର୍ଟରେ ଉଲ୍ଲେଖ କରିଛି। ଏହା ସତ୍ୟ ଯେ, ପ୍ରକୃତି ଉପରେ ମଣିଷର ଅତ୍ୟାଚାର ଯେତିକି ଯେତିକି ବଢୁଛି, ପ୍ରକୃତିର କୋପ ସେତିକି ବଢୁଛି। ଏଥିପ୍ରତି ମାନବ ସମାଜ ବେହଲୁଁ ସଚେତନ ହେବା ଜରୁରୀ। ଅନ୍ୟଥା ପୁରାଣବର୍ଣ୍ଣିତ ଜଳପ୍ରଳୟ ଆଦି ବେଶୀ ଦୂର ନୁହେଁ।

# ଶିକ୍ଷିତ ବେକାରୀଙ୍କ କଥା

**ଦି**ନ ଥିଲା ପାଠ ନପଢ଼ିଲେ କିଛି କାମ ତ' ମିଳିବା ଦୂରର କଥା ମୂର୍ଖ ବୋଲି ଗଣାଯାଉଥିଲା। ହେଲେ ଯୁଗ ସହିତ ଲୋକମାନଙ୍କର ଶିକ୍ଷାଦିକ୍ଷାର ଢ଼ଙ୍ଗରଙ୍ଗ ସବୁପ୍ରକାର ମଧ୍ୟ ବଦଳିଛି। ତେବେ ଆଜିକାଲି ଏକ ବିଚିତ୍ର ପରିସ୍ଥିତିକୁ ଆମ୍ଭେମାନେ ସାମ୍ନା କରୁଛେ। ତାହା ଯିଏ ଯେତେ ବେଶି ପାଠ ପଢ଼ିଛି ବା ଡିଗ୍ରୀ ପାଇବା ହୋଇଥାଉ ବରଂ ଥାକ ଥାକ ସାର୍ଟିଫିକେଟ କିନ୍ତୁ ତାର ପ୍ରତିଭା ତୁଳନାରେ ତାକୁ କାର୍ଯ୍ୟ ମିଳୁନାହିଁ। ସେ ହେଉଛି ସବୁଠାରୁ ବଡ଼ ବେକାର। ଅଭାବେ ସ୍ୱଭାବ ନଷ୍ଟପରି କେଉଁଠି ସର୍ବାଧିକ ଯୋଗ୍ୟ ପ୍ରତିଭାବାନ ଛାତ୍ରଟି କୁଲିଗିରି କରିବାକୁ ପଛାଉନାହିଁ ତ' କେଉଁଠି ଦଲାଲ ହାବୁଡରେ ପଡ଼ି ଦାଦନ ଯାଉଛି। ବେକାର ହୋଇ କୁସଙ୍ଗରେ ପଡ଼ି ନିଶାସେବନ କରି ଜରାଗ୍ରସ୍ତ ଏପରିକି ଜୀବନହାନିର ଘଟଣା ପ୍ରାୟତଃ ଗଣମାଧ୍ୟମରେ ଦେଖିବାକୁ ମିଳିଥାଏ। କେବଳ ଗ୍ରାମା ଳ ନୁହେଁ ସହରା ଳରେ ମଧ୍ୟ ସବୁଠି କାମର ଅଭାବ। ତେବେ ସବୁକ୍ଷେତ୍ରରେ ଯେ ଲା ଦେଲେ ଚାକିରୀ ମିଳିଥାଏ ତାହା ଭାବିବା ବି ଭୁଲ। ତେବେ ବିଚିତ୍ର ଭାବରେ ଦେଖାଯାଇଥାଏ ଅନେକ କ୍ଷେତ୍ରରେ ଯୋଗ୍ୟ ପ୍ରାର୍ଥୀମାନେ ଚାକିରୀ ପାଇପାରୁନଥିବା ସ୍ଥଳେ ଅଯୋଗ୍ୟମାନେ ଚାକିରୀ ପାଇଯାଉଛନ୍ତି। ଆଜିକାଲି ତଥାକଥିତ ଗଡ଼ଫାଦରଙ୍କ ଆଶୀର୍ବାଦ ଥିଲେ ସବୁକିଛି ସମ୍ଭବ। କିନ୍ତୁ ବାସ୍ତବ କଥା ହେଉଛି ପ୍ରତିଭାବାନମାନେ ଦେଶର ବା ରାଜ୍ୟର ଶାସନ ବ୍ୟବସ୍ଥାରେ ଜଡ଼ିତ ନହେଲେ ତାହା ପ୍ରଗତି ପାଇଁ ନିଶ୍ଚିତ ଭାବରେ ବାଧକ ହେବ। ତେବେ କେବଳ ପୁରୁଷ ନୁହଁନ୍ତି ବେଶି ମହିଳାମାନେ ମଧ୍ୟ ବେକାର ହେବାକୁ ବସିଲେଣି। ଦେଖାଯାଉଛି ଦେଖାଶିଖା ନ୍ୟାୟରେ ପାଖ ଘର ପିଲାଟି ଯଦି କଲେଜ ଯାଉଛି ତା'ହେଲେ ଆରପାଖ ଘରର ଝିଅଟି ତା'ଘରର ସ୍ଥିତିକୁ ନବୁଝି କଲେଜରେ ନାଁ ଲେଖାଇବା ପାଇଁ ଗୋଡ଼ କଚାଡୁଛି। ବିଚରା ବାପ ବାପୁଡ଼ାଟି ବା କ'ଣ କରିବ ? ସବୁ ଝିଅଙ୍କ ସ୍ଥିତି ବି ସମାନ ନୁହେଁ । ନିଜ ପ୍ରତିଭାରେ ନିଜ ପରିବାର, ଗାଁ ଓ ରାଜ୍ୟର ସୁନାମ ଆଣିଥିବା ଝିଅମାନଙ୍କର ତାଲିକା ବି ବେଶ୍ ଲମ୍ବା। ପରିସଂଖ୍ୟାନରୁ ଜଣାଯାଇଛି ଭାରତର ସହରା ଳରେ ଅଶିକ୍ଷିତ ବେକାରଙ୍କ ସଂଖ୍ୟା ୧.୦୩ ପ୍ରତିଶତ ଥିବାବେଳେ ଗ୍ରାମା ଳରେ ହେଉଛି ୧.୧ ପ୍ରତିଶତ। ସେହିପରି ମାଟ୍ରିକ ପର୍ଯ୍ୟନ୍ତ ପଢ଼ିଥିବା ସହରୀ ବେକାରୀଙ୍କ ସଂଖ୍ୟା ୪.୪ ପ୍ରତିଶତ ଓ ଗ୍ରାମୀଣ ବେକାରୀଙ୍କ ସଂଖ୍ୟା ୫.୪ ପ୍ରତିଶତ। ସେହିପରି ସହରା ଳର ଗ୍ରାଜୁଏଟ୍ ବେକାରଙ୍କ ସଂଖ୍ୟା ୮.୪ ପ୍ରତିଶତ ହୋଇଥିବା ବେଳେ ଗ୍ରାମା ଳ ଗ୍ରାଜୁଏଟ ବେକାରଙ୍କ ସଂଖ୍ୟା ୧୧ ପ୍ରତିଶତ। କେବଳ ସହରରେ ବେକାର ପୋଷ୍ଟଗ୍ରାଜୁଏଟ ୭.୭ ପ୍ରତିଶତ ଥିବାବେଳେ ଗ୍ରାମା ଳରେ ଏମାନଙ୍କ ସଂଖ୍ୟା ୧୩.୯ ପ୍ରତିଶତ। ପରିସଂଖ୍ୟାନର ତଥ୍ୟ ସୂଚୀତ କରୁଛି ଯେ ଯିଏ ସେତେ ଶିକ୍ଷିତ ସେଠାରେ ବେକାରୀ ହେବାର ବେଶି ଭୟ। ତେବେ ସବୁକ୍ଷେତ୍ରକୁ ଆମେ ଗୋଟିଏ ନିକିତରେ ତଉଲୁ ନାହୁଁ ଅନେକ ଅଶିକ୍ଷିତ ବା ବେଶୀ ପାଠସାଠ ନପଢ଼ି ବି ବେଶ ନିଜ ବିଦ୍ୟାବୁଦ୍ଧିରେ ରୋଜଗାରକ୍ଷମ ହୋଇ ବିଭିନ୍ନ ପ୍ରଶଂସନୀୟ ଉଦ୍ୟମରେ ନିଜକୁ ବ୍ରତୀ କରୁଛନ୍ତି। ତେବେ ବ ର୍ମାନର ପରିସ୍ଥିତି କିନ୍ତୁ ସମ୍ପୂର୍ଣ୍ଣରୂପେ ଭିନ୍ନ। ମୁଦ୍ରାସ୍ଫୀତିର ଭୟଙ୍କର ଦାବାନାଳ ଓ ଦରଦାମ୍‌ର ପରିସ୍ଥିତି ସହ ସରକାରଙ୍କ ଭି ଭୂମିର ବ୍ୟାପକ ଅଭାବ ଯୋଗୁଁ ବିଭିନ୍ନ କ୍ଷେତ୍ରରେ ବେକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ବର୍ଷ ବର୍ଷ ଧରି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡୁଥିଲେ ବି କାମଚଳା ଭାବରେ ଜଣକୁ ଦଶ ଦଶଟା ଦାୟିତ୍ୱ ଧରାଇ ଦିଆଯାଉଛି। ଏହାର ପରିସ୍ଥିତି ଯାହା ହେବ। ଯୁବବର୍ଗଙ୍କ ଭିତରୁ ଅନେକ ଶିକ୍ଷିତ ବେକାର ହେବା ପଛରେ ବଡ଼ କାରଣ ହେଉଛି ହୀନମନ୍ୟତା। କୌଣସି କାମ ଛୋଟ ବା ବଡ଼ ନୁହେଁ। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ବାଣୀକୁ କ'ଣ କେହି କେବେ ଭାବୁଛନ୍ତି ? ଯେଉଁ ପର୍ଯ୍ୟନ୍ତ ଏ ରାଷ୍ଟ୍ରର ଯୁବପିଢ଼ୀ ନିଜେ କିଛି ନିଜ ପାଇଁ ପଛକୁ ଭାବି ରାଷ୍ଟ୍ରର ପାଇଁ ନିଜର ଦାୟିତ୍ୱ ଚିନ୍ତା ନକରିଛି ସେ ପର୍ଯ୍ୟନ୍ତ ଏ ରାଷ୍ଟ୍ରର ପ୍ରଗତି କେତେଦୂର ବା ସମ୍ଭବ ହୋଇପାରିବ ? ଶିକ୍ଷା କେବଳ ଚାକିରୀ ପାଇଁ ଉଦ୍ଦିଷ୍ଟ ବୋଲି ଯେତେଦିନ ପର୍ଯ୍ୟନ୍ତ ଧରାଯାଉଥିବ ଏ ସମସ୍ୟା ବଢ଼ିବ ବରଂ କିନ୍ତୁ ସମାଧାନର ରାସ୍ତା ବାହାରିପାରିବ ନାହିଁ। ଶିକ୍ଷା ସମାଜ ଓ ସଂସ୍କାରର ବିଭିନ୍ନ ଅଜଣା କଥାକୁ ଜାଣିବା ପାଇଁ ଆବଶ୍ୟକ କେବଳ ଚାକିରୀ ପାଇବା ପାଇଁ ଉଦ୍ଦିଷ୍ଟ ନୁହେଁ। ତେଣୁ ଭାରତବର୍ଷର ଯୁବକଯୁବତୀମାନେ ନିଜ ପ୍ରତିଭାକୁ ନେଇ ଚାକିରୀ ପଛରେ ନଗୋଡ଼େଇ ବରଂ ସ୍ୱାବଲମ୍ବୀ ରାସ୍ତାରେ ନିଜ ଗୋଡ଼ରେ ଛିଡ଼ା ହେବାପାଇଁ ଯତ୍ନବାନ ହେବା ଉଚିତ। ନିଜ ପାଠ୍ୟ ମୁତାବକ କର୍ମସଂସ୍ଥାନ ନମିଳିଲେ ହତୋତ୍ସାହିତ ନହୋଇ ରୋଜଗାରର ଅନ୍ୟ ପନ୍ଥା ଧରିବା ଆବଶ୍ୟକ। ଅଶିକ୍ଷିତ ବେକାର ରହିବା ପଛରେ ବଡ଼ ଗୂଢ଼ କାରଣ ହେଉଛି ଯେ ସେମାନେ କୌଣସି କାର୍ଯ୍ୟକୁ ଛୋଟ ବୋଲି ଭାବିନଥାନ୍ତି। ବ୍ରିଟେନ୍ ଓ ଆମେରିକା ଭଳି ପ୍ରଗତିଶୀଳ ରାଷ୍ଟ୍ରରେ ଶିକ୍ଷିତ ବେକାରୀଙ୍କ ସଂଖ୍ୟା ଆମ ଦେଶଠାରୁ କମ୍। ସେଠାରେ ଯେ କର୍ମସଂସ୍ଥାନ ବହୁତ ରହିଛି ତା ନୁହେଁ କିନ୍ତୁ ସେମାନେ କୌଣସି କାମକୁ ଛୋଟ ବା ବଡ଼ ଦୃଷ୍ଟିରେ ନଦେଖି ନିଜ କାମ ନିଜେ କରିବାକୁ ପସନ୍ଦ କରିଥାନ୍ତି। ଭାରତବର୍ଷର ମହାନ ସଂସ୍କୃତି ଭାଇଚାରର ସଂସ୍କୃତି। ସମଗ୍ର ବସୁଧା ହେଉଛି ଆମର ମାତା। ତେଣୁ ଲମ୍ବା ଜୀବନର ରାସ୍ତାକୁ ଅତିକ୍ରମ କରି ନିଜ ପରିବାର, ସମାଜର ଓ ରାଷ୍ଟ୍ରର ଦାୟିତ୍ୱ ନିର୍ବାହ ପୂର୍ବରୁ ନିଜକୁ ନିଜ ବିବେକକୁ ପ୍ରଶ୍ନ କରିବା ଉଚିତ ଯେ, ନିଜ ପାଇଁ କିଛି ଛୋଟ ବା ବଡ଼ ନୁହେଁ। ଶିକ୍ଷିତ ହୋଇ ବେକାର ହେବା ଅପେକ୍ଷା ନିଜ ପାରିପାର୍ଶ୍ୱିକ ଓ ପାରିବାରିକ ତଥା ସବୁ ଦିଗର ସ୍ଥିତିକୁ ଦେଖି ସ୍ୱାବଲମ୍ବୀର ଜୀବନ ବିତାଇବା ବରଂ ମର୍ଯ୍ୟାଦାର ପ୍ରସଙ୍ଗ। ତେବେ ଅଧ୍ୟବସାୟ, ଦୈବୀ ଆଶୀର୍ବାଦ ଓ ପିତାମାତାଙ୍କ କୃପା ଥିଲେ ବଣରେ ଫୁଟୁଥିବା ଫୁଲଟିର ମହକ ନିଶ୍ଚିତ ଭାବରେ ସମାଜକୁ ସୁରଭିତ କରିପାରିବ।

# ରାଜ୍ୟର ସମସ୍ତ ଖାଲି ପଡିଥିବା ପଦବୀ ପୁରଣ ଓ ଆଉଟସୋର୍ସ ଶ୍ରମିକ କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି ସି.ପି.ଆଇ.(ଏମ୍)ର ଦାବୀ

ଭୁବନେଶ୍ୱର (ପିଏନ୍): ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ଏଠାରେ ଏକ ବିବୃତ୍ତିରେ କହିଛନ୍ତି ଯେ ଗତକାଲି ଓଡିଶା ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ରାଜ୍ୟର ୫୭୦୦୦ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ସ୍ଥାୟୀ କରିବା ଘୋଷଣା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ୨୦୧୩ରୁ ପ୍ରଚଳିତ ଏହି କର୍ମଚାରୀ ବିରୋଧି ପଦକ୍ଷେପ ନାକଚ କରିବା ସଙ୍ଗେ ସଙ୍ଗେ ରାଜ୍ୟର ବିଭିନ୍ନ ବିଭାଗ ସହ ବିଦ୍ୟୁତ କ୍ଷେତ୍ର ପରି ସରକାରୀରୁ ବେସରକାରୀ ହୋଇଥିବା ସଂସ୍ଥା ମାନଙ୍କରେ କାର୍ଯ୍ୟରତ ୨ ଲକ୍ଷରୁ ଉର୍ଦ୍ଧ୍ୱ ଆଉଟ ସୋର୍ସ ଶ୍ରମିକ ଓ କର୍ମଚାରୀ ସ୍ୱଳ୍ପ ଦରମା ସହ ବର୍ଷ ବର୍ଷ ଧରି ଅନିଶ୍ଚିତତା ମଧ୍ୟରେ ରହିଛନ୍ତି । ଯଦିଓ ଏହି ଶ୬ମିକ ଓ କର୍ମଚାରୀ ସ୍ଥାୟୀ କର୍ମଚାରୀଙ୍କ କାର୍ଯ୍ୟକୁ ତୁଲାଉଛନ୍ତି, କିନ୍ତ ସେମାନଙ୍କ ଚାକିରୀରେ କୌଣସି ନିରାପତ୍ତା ନାହିଁ । ଏଥିସହ ଗତକାଲିର ଘୋଷଣା କେବଳ ୨୦୧୩ ମସିହାରୁ ପ୍ରଣୀତ ଚୁକ୍ତିଭିତ୍ତିକ ନିଯୁକ୍ତି ରୁଲ ଦ୍ୱରା କର୍ମଚାରୀମାନଙ୍କ ପ୍ରତି ପ୍ରଯ୍ୟୁଜ୍ୟ । ଏମାନଙ୍କୁ ବାଦ ଦେଲେ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍ ଜଳସେଚନ ଆଦି ସମସ୍ତ ବିଭାଗରେ ଏବଂ ବିଭିନ୍ନ ସ୍ଥାୟୀ ପ୍ରକଳ୍ପ ଗୁଡିକରେ ରହିଥିବା ଆହୁରି ଲକ୍ଷାଧିକ କର୍ମଚାରୀ ଏହାଦ୍ୱାରା ଉପକୃତ ହେବେ ନାହିଁ ।

୨୦୧୩ ରୁଲ୍ ଅନୁଯାୟୀ ଛ'ବର୍ଷ ପରେ ରେଗୁଲାର ହେବା ବ୍ୟବସ୍ଥା ଥିଲେ ସୁଦ୍ଧା ୨୦୨୨ ପର୍ଯ୍ୟନ୍ତ ବହୁ କର୍ମଚାରୀ ସ୍ଥାୟୀ ନିଯୁକ୍ତିରୁ ବଞ୍ଚିତ କରି ରଖା ଯାଇଥିଲା । ବିଭିନ୍ନ ବିଭାଗର ବହୁ କର୍ମଚାରୀ ହାଇକୋର୍ଟରେ ସ୍ଥାୟୀ ନିଯୁକ୍ତି ପାଇଁ ମକଦ୍ଦମା କରି ସପକ୍ଷରେ ରାୟ ପାଇଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ କରାଯାଉନଥିଲା । ଏହା ଦ୍ୱାରା ସମସ୍ତ ଅସ୍ଥାୟୀ କର୍ମଚାରୀ ଉପକୃତ ହେବେ ନାହିଁ ।

ରାଜ୍ୟ ସରକାର ରାଜ୍ୟର ବିଦ୍ୟୁତ ବିତରଣ ବ୍ୟବସ୍ଥା ଟାଟା କମ୍ପାନୀ ହାତରେ ସମର୍ପି ଦେବା ବେଳେ ୨ ଲକ୍ଷ ପର୍ଯ୍ୟନ୍ତ ଆଉଟସୋର୍ସ ଶ୍ରମିକ ଓ କର୍ମଚାରୀ ବିଦ୍ୟୁତ୍ କ୍ଷେତ୍ରରେ ବର୍ଷ ବର୍ଷ ଧରି ରହିଛନ୍ତି ରାଜ୍ୟ ସରକାର ଟାଟା ହାତକୁ ବିଦ୍ୟୁତ ବିତରଣ ବ୍ୟବସ୍ଥା ଟେକି ଦେବା ବେଳେ ଏମାନଙ୍କ ପ୍ରସଙ୍ଗ ସଂପୂର୍ଣ୍ଣ ଅଣଦେଖା କଲେ । ଏଣୁ ବିଦ୍ୟୁତ୍ କ୍ଷେତ୍ରରେ ନିୟୋଜିତ ଆଉଟସୋର୍ସ ଶ୍ରମିକ ଓ କର୍ମଚାରୀଙ୍କ ସମେତ ସମସ୍ତ ଆଉଟସୋର୍ସ ସ୍ଥାୟୀ ପ୍ରକଳ୍ପର ଶ୍ରମିକ କର୍ମଚାରୀଙ୍କୁ ବିନା ସର୍ତ୍ତରେ ସ୍ଥାୟୀ ଦେବା ସଙ୍ଗେ ସଙ୍ଗେ ରାଜ୍ୟର ସମସ୍ତ ବିଭାଗରେ ଖାଲିଥିବା ୨ ଲକ୍ଷରୁ ଅଧିକ ଖାଲି ପଦବୀରେ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟି ଦାବି କରୁଛୁ।

# ନଳିତା ବିଡ଼ାକୁ ନେଇ ମାରପିଟ୍ ଘଟଣାରେ ୫ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ପଟୁଣିଆ ପ ାୟତ ଢିଅନରସିଂହପୁର ଗ୍ରାମରେ ନଳିତା ବିଡ଼ାକୁ ନିଜର ବୋଲି ଦାବିକରି ଦୁଇ ପରିବାର ମଧ୍ୟରେ ଗତ ୧୩ ତାରିଖରେ ହୋଇଥିବା ମାଡପିଟ ଘଟଣାରେ ପୁଲିସ ଉଭୟ ପକ୍ଷରୁ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ମୁତାବକ ଢିହନରସିଂହପୁର ଗ୍ରାମରେ ନଳିତା ବିଡାକୁ ନେଇ ୨ଟି ପରିବାର ମଧ୍ୟରେ ମାରପିଟ ହୋଇଥିଲା। ଏହି ଘଟଣାରେ ଗୋଟିଏ ପରିବାରର ୪ଜଣ ଆହତ ହୋଇଥିବା ବେଳେ ଅନ୍ୟଏକ ପରିବାରର ଜଣେ ଆହତ ହୋଇଥିଲେ । ଏଥିନେଇ ଚଇନଙ୍କ ପତ୍ନୀ ଲକ୍ଷ୍ମୀ ଦଳେଇ ଥାନାରେ ଓ ପ୍ରତିପକ୍ଷ ଗୋଷ୍ଠୀର ବିନୋଦ ଦଳେଇ ଉଭୟ ପରିବାରଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ । ଏନେଇ ପୁଲିସ ୫୬/୨୨ ଓ ୫୬୪/୨୨ରେ ଦୁଇଟି ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ତେବେ ପୁଲିସ ଢିହନରସିଂହପୁର ଗ୍ରାମର ଗୋଟିଏ ଗୋଷ୍ଠିର ବିନୋଦ ଦଳେଇଙ୍କ ପୁଅ ବାଇଧର ଦଳେଇ (୨୩), ବୁଦ୍ଧିଆ ଦଳେଇ (୨୫) ଓ ମାନଗୋବିନ୍ଦ ଦଳେଇଙ୍କ ପୁଅ ମିଥୁନ ଦଳେଇ(୨୮),ଚନ୍ଦନ ଦଳେଇ (୨୧)ଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଏକ ଗୋଷ୍ଠିର ଚଇନ ଦଳେଇଙ୍କ ପୁଅ ସାଗର ଦଳେଇ (୨୧)ଙ୍କୁ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି ବୋଲି କୋତପୁର ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟି ସୂଚନା ଦେଇଛନ୍ତି ।

# ବହୁ ପ୍ରତିକ୍ଷାର ଅନ୍ତ ଘଟିଲା, ନବନିର୍ମିତ ଜାରକା ଓଭର ବ୍ରିଜ୍‌ରେ ଗାଡ଼ି ଗଡ଼ିଲା



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା ଛକ ଦେଇ ଯାଇଥିବା ୧୬ନଂ ଜାତୀୟ ରାଜପଥର ଜାରକା ଛକ ଠାରେ ନବନିର୍ମିତ ଓଭର ବ୍ରିଜ ଦେଇ ଗାଡି ଯାତାୟାତ କରିଛି । ୨୦୧୮ ମସିହାରେ ଦ୍ୱିତୀୟ ଥାର ଲାଗି ଜାତୀୟ ରାଜପଥ ପ୍ରଶସ୍ତିକରଣ କାମ ଆରମ୍ଭ ହୋଇଥିଲା ବେଳେ ଜାରକା ଠାରେ ଏକ ଓଭରବ୍ରିଜ ନିର୍ମାଣ ପାଇଁ ଦାବି ହୋଇଥିଲା । ଏଥିଲାଗି ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀ, ସମାଜସେବୀ, ରାଜନୈତିକ ବ୍ୟକ୍ତି ଓ ସାମ୍ବାଦିକମାନଙ୍କୁ ନେଇ ଧର୍ମଶାଳା ଡେଭେଲପ୍‌ମେଂଟ କମିଟି ନାମରେ ଏକ ସଙ୍ଗଠନ ଗଠନ କରାଯାଇ ଓଭରବ୍ରିଜ ନିର୍ମାଣ ପାଇଁ ଦାବି ଉପସ୍ଥାପନା କରାଯାଇଥିଲା । ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହିତ ବହୁବାର ଆଲୋଚନା ଓ ଆନ୍ଦୋଳନ ପରେ ଏଠାରେ ଏକ ଓଭରବ୍ରିଜ ନିର୍ମାଣ ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ରାଜି ହୋଇଥିଲେ । ୨୦୨୦ ମସିହା ଜୁନ ମାସରେ ଏହାର କାମ ଆରମ୍ଭ ହୋଇଥିଲା । ଓଭରବ୍ରିଜ ନିର୍ମାଣ ପାଇଁ ୧୬ ନମ୍ବର ଜାତୀୟ ରାଜପଥକୁ ଖୋଳାଯାଇ ଓଭରବ୍ରିଜ ନିର୍ମାଣ କାମ ଆରମ୍ଭ ହୋଇଥିଲା । ମୁଖ୍ୟ ରାସ୍ତାରେ କାମ ହେବାରୁ ଗାଡିଗୁଡିକ ବାଇପାସ ରାସ୍ତା ଦେଇ ଯାତାୟାତ ଆରମ୍ଭ ହୋଇଥିଲା । ତେବେ ଏଠାରେ ୧୮ ମାସ ମଧ୍ୟରେ ଓଭରବ୍ରିଜ ନିର୍ମାଣ କାମ ଶେଷ ହେବ ବୋଲି କାମ କରୁଥିବା ଠିକାସଂସ୍ଥା ପକ୍ଷରୁ କୁହାଯାଇଥିଲା । ହେଲେ ମନ୍ଥର ଗତିରେ କାମ ଚାଲୁଥିବାରୁ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହେବାକୁ ଦୀର୍ଘବର୍ଷ ଲାଗିବା ଆଶଙ୍କା କରି ସ୍ଥାନୀୟ ଡେଭେଲପମେଂଟ କମିଟି ଓ ବଜାର କମିଟି ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇବା ସହ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ଠିକାସଂସ୍ଥାକୁ ଭେଟି ରାସ୍ତା ନିର୍ମାଣରେ ବିଳମ୍ବତାକୁ ନେଇ ଅଭିଯୋଗ ଉଠାଇଥିଲେ । ତେବେ ବହୁ ପ୍ରତିକ୍ଷାର ଅବସାନ ଘଟିଛି, ଓଭରବ୍ରିଜ ଦେଇ ଗାଡିଗୁଡିକ ଯାତାୟାତ କରିଛି । ଦୀର୍ଘ ୨୮ ମାସ ପରେ ଗାଡିଗୁଡିକ ମୁଖ୍ୟରାସ୍ତା ଦେଇ ଚଳାଚଳ କରିବାରୁ ଦୀର୍ଘଦିନ ହେଲା ବାଇପାସ ରାସ୍ତାରେ ଗାଡି ଚଳାଚଳ ଯୋଗୁ ହୀନସ୍ତା ଭୋଗୁଥିବା ଜାରକା ବଜାରର ବ୍ୟବସାୟୀ ଓ ସାଧାରଣ ଲୋକେ ଆଜି ଆଶ୍ୱସ୍ତି ଅନୁଭବ କରିଛନ୍ତି ।




**ଭୁବନେଶ୍ୱର, ୨୦୨୪, ଅପ୍ରେଲ ୨୬**

# ବଡ଼ ମେଡ଼ିକାଲ ଏମଆରଆଇ ପରୀକ୍ଷାରେ ଅଭାବନୀୟ ସେବା


ଶ୍ୟାମସୁନ୍ଦର ସାମଲ

କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜକୁ ବିଶ୍ୱସ୍ତରୀୟ କରିବାପାଇଁ ସରକାର କେବଳ ଅଣ୍ଟାଭିଡ଼ି ନାହାନ୍ତି ବରଂ ଏହାପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ସେହିପରି ସାର୍ବଜନୀନ ସ୍ୱାସ୍ଥ୍ୟସେବାରେ ନବୀନ କାର୍ଡ ଓ ବିଶେଷକରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସମଗ୍ର ଭାରତରେ ଅନ୍ୟ ରାଜ୍ୟମାନଙ୍କ ପାଇଁ ପ୍ରେରଣାର ବାଟ ଦେଖାଇଛି । ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜକୁ କେବଳ ଓଡ଼ିଶାବାସୀ ନୁହଁନ୍ତି, ଉତ୍ତର ପୂର୍ବାଞ୍ଚଳ ଅନେକ ରାଜ୍ୟର ଗରିବ ରୋଗୀମାନେ ଏହା ଉପରେ ନିର୍ଭରଶୀଳ । ପ୍ରତିଦିନ ହଜାର ହଜାର ରୋଗୀ ଏଠାକୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ପାଇଁ ଆସିଥାନ୍ତି । ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ବ୍ୟବସ୍ଥାର ପରୀକ୍ଷା ନିରୀକ୍ଷା ପାଇଁ ଏମଆରଆଇ ପରୀକ୍ଷା ଦରକାର ପଡ଼ିଥାଏ । ଏହା ବିନା ମୂଲ୍ୟରେ ରୋଗୀମାନେ ସେବା ପାଇଥାନ୍ତି । ପୂର୍ବରୁ ଏଥିରେ ଉଭୟ ଇଣ୍ଡୋର ରୋଗୀ ଓ ଆଉଡୋରରୋଗୀ ସେମାନଙ୍କ କ୍ରମ ଅନୁଯାୟୀ ଏମଆରଆଇରେ ପରୀକ୍ଷା କରିପାରୁଥିଲେ । କିନ୍ତୁ କିଛି ଦିନ ତଳେ ନୂଆ ବ୍ୟବସ୍ଥା ଅନୁଯାୟୀ ରୋଗୀଟି ଯେତେ ଗୁରୁତର ହୋଇଥିଲେ ମଧ୍ୟ ଆଉଡୋର ରୋଗୀ ମାନଙ୍କୁ ପୂର୍ବପରି ଏମଆରଆଇ ପରୀକ୍ଷା ସୁବିଧା ଦିଆଯାଉନାହିଁ । ସେମାନେ ଆଉଡୋରରୁ ରେଫର ହୋଇ ଇନଡୋରରେ ରହିବା ପରେ କିଛିଦିନର କ୍ରମ ଅନୁଯାୟୀ ଏହି ସୁବିଧା ଦିଆଯାଉଛି । ଯାହାଫଳରେ ଗୁରୁତର ରୋଗୀମାନେ ଅସୁବିଧାରେ ପଡ଼ି କେହି କେହି ବେସରକାରୀ କେନ୍ଦ୍ରକୁ ଯିବା ପାଇଁ ବାଧ୍ୟ ହେଉଛନ୍ତି । ସେହିପରି ବଡ଼ମେଡ଼ିକାଲ ପରିସରରେ ଥିବା ଏମଆରଆଇ ପରୀକ୍ଷା କେନ୍ଦ୍ରରେ ସବୁ ସୁବିଧା ସୁଯୋଗ ଥିଲେ ମଧ୍ୟ ରୋଗୀମାନଙ୍କୁ ବିନା କାରଣରେ ଆଞ୍ଚଳିକ ହରିହର କ୍ୟାନସର କେନ୍ଦ୍ରକୁ ପଠାଯାଉଛି । ବର୍ତ୍ତମାନର ତହ ତହ ଖରା ତାତିରେ ମଧ୍ୟ ରୋଗୀମାନେ ଯିବାକୁ ବାଧ୍ୟ ହେଉଛନ୍ତି । କେତେଜଣ ମେଡ଼ିକାଲ ଓ ସାମ୍ନାରାସ୍ତା ଅତିକ୍ରମ କରି ଅଂଶୁଘାତକୁ ସାମ୍ନା କରି ଅଚେତ ମଧ୍ୟ ହୋଇପଡୁଛନ୍ତି । ସେମାନଙ୍କ ଯିବା ପାଇଁ କୌଣସି ଷ୍ଟ୍ରେଚର ବା ହ୍ୱିଲଚେୟାର କର୍ତ୍ତୃପକ୍ଷ ଯୋଗାଇ ନାହାଁନ୍ତି । ତେବେ ଆଉ ଏକ ବିଚିତ୍ର କଥା ହେଉଛି ଡାକ୍ତର ରୋଗୀଙ୍କ ଏମଆରଆଇ ପରୀକ୍ଷା ପାଇଁ ସ୍ୱୀକୃତି ଓ ପରାମର୍ଶ ଦେଲେ ମଧ୍ୟ ମେଡ଼ିକାଲର ରିଜିଓନାଲ ଡାଇଗ୍ନୋଷ୍ଟିକ ସେଣ୍ଟରରେ ଜଣେ କିରାଣୀଙ୍କ ସ୍ୱୀକୃତି ନେବାକୁ ପଡୁଛି ଯେ ରୋଗୀ ଜଣଙ୍କ ବଡ଼ମେଡ଼ିକାଲରେ କରିବେ କିମ୍ବା ଆଞ୍ଚଳିକ ହରିହର କ୍ୟାନସର କେନ୍ଦ୍ରକୁ ଯିବେ । ସ୍ୱାସ୍ଥ୍ୟ ବିଭାଗର ନିୟମ ଅନୁଯାୟୀ ଡାକ୍ତରଙ୍କ ପରାମର୍ଶ ପରେ ଏମଆରଆଇ ପରୀକ୍ଷା ସିଧାସଳଖ ହେବାକଥା । ପ୍ରଶାସନ ଓ ସରକାରଙ୍କ ୫ଟି ଏହି ଗୁରୁତ୍ୱପୂର୍ଣ୍ଣ ସମ୍ବେଦନଶୀଳ ଅବ୍ୟବସ୍ଥାକୁ ତୁରନ୍ତ ପ୍ରତିକାରର ବ୍ୟବସ୍ଥା କରନ୍ତୁ ।

*ବିଡ଼ାନାସୀ ବନ୍ଧଛକ, କଟକ,*
*ଦୂରଭାଷ : ୯୭୭୮୬୩୫୯୨୬*

# ପ୍ରଚଣ୍ଡ ତାତି : ପ୍ରଚାରରେ ରହୁ କଟକଣା


ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ

ଦିନକୁ ଦିନ ନିଆଁ ବର୍ଷୁଛି । ଦିନ ନଅଟା ପରଠୁ ପରିବେଶ ତାତିଲା ତାୱା ଆଡ଼କୁ ସତେ ଯେପରି ଠେଲି ହୋଇଯାଉଛି । ତାପମାତ୍ରାରେ ଅସହ୍ୟ ଗୁଳିଗୁଳି ରହୁଥିବାବେଳେ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିବାରୁ ଅନେକ ସ୍ଥାନରେ ରାଜନୈତିକ ସଭା ସମିତି ପ୍ରଚାର, ଶୋଭାଯାତ୍ରା ବା ପ୍ରଦର୍ଶନୀ ସମ୍ଭବ ହୋଇପାରୁନି । ଦିନକୁ ଦିନ ଖରା ବଢୁଥିବାରୁ ପ୍ରଶାସନ ପକ୍ଷରୁ ବିଦ୍ୟାଳୟ ଛୁଟି ଖୁବ ଶୀଘ୍ର ହେବାକୁ ଯାଉଥିବାବେଳେ ନିର୍ମାଣ କର୍ଯ୍ୟର ନିର୍ଦ୍ଦିଷ୍ଟ ସମୟ ସୀମା ରଖିବା ସହ ବିଭିନ୍ନ ଦପ୍ତର ମଧ୍ୟ ସକାଳୁଆ ଆରମ୍ଭ ହୋଇଛି । ତେବେ ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମ ଉପରେ କମିଶନ କିଛି କଟକଣା ଲଗାଇବା ପାଇଁ ଦାବୀ ହେବା ସ୍ୱାଭାବିକ । ପୂର୍ବରୁ ଓଡ଼ିଶାରେ ଅଂଶୁଘାତ ଜନିତ ମୃତ୍ୟୁରୁ ଅନେକଙ୍କର ଜୀବନ ଯାଇଛି । ଏବେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଦିନ ଦଶଟା ପରେ ତାପମାତ୍ରା ୪୦ ଡିଗ୍ରୀ ପାର କରୁଛି । ତେଣୁ ଏହାକୁ ଦୃଷ୍ଟିରେ ରଖି ରାଜନୈତିକ ଦଳ ଓ ପ୍ରାର୍ଥୀ ମାନେ ମଧ୍ୟାହ୍ନରେ ପ୍ରାୟତଃ ପ୍ରଚାର କାର୍ଯ୍ୟକ୍ରମରୁ ବିରତ ରହିବା ପାଇଁ ଏକ ପ୍ରକାର ବାଧ୍ୟ ହେଉଛନ୍ତି । ତେବେ ଏପରି ପ୍ରଚଣ୍ଡ ଖରା ସମୟରେ କୌଣସି ନିର୍ବାଚନ କାର୍ଯ୍ୟକ୍ରମ, ସଭା ସମିତି, ଶୋଭାଯାତ୍ରା ବା ପ୍ରଚାର କାର୍ଯ୍ୟକ୍ରମରେ ତୀବ୍ର ଗ୍ରୀଷ୍ମ କାରଣରୁ କୌଣସି ଲୋକଙ୍କର ଅଘଟଣରେ ଅକାଳରେ ମୃତ୍ୟୁ ଘଟିଲେ ସେମାନଙ୍କ ପାଇଁ ସମ୍ପୃକ୍ତ ଦଳ ଓ ପ୍ରାର୍ଥୀ ମାନଙ୍କୁ ଦାୟୀ କରାଯିବା ପାଇଁ ମଧ୍ୟ ଦାବୀ ଉଠୁଛି । କାରଣ ପ୍ରଚଣ୍ଡ ଖରା ମଧ୍ୟରେ ବିଭିନ୍ନ ସହର ଓ ଖୋଦ ରାଜଧାନୀରେ ମଧ୍ୟ ନିର୍ବାଚନ ସମାବେଶ, ମିଶ୍ରଣ ପର୍ବ, କର୍ମୀସମ୍ମିଳନୀ ଓ ଶୋଭାଯାତ୍ରା ଆଦି ଅନୁଷ୍ଠିତ ହେଉଛି । ପଦଯାତ୍ରାରେ ଓ ସାଇକେଲରେ କିମ୍ବା ବାଇକ ରାଲି ମଧ୍ୟ ଅନୁଷ୍ଠିତ ହେଉଛି । ଅନେକ ସ୍ଥାନରେ ଲୋକମାନେ ହେଲମେଟ ମଧ୍ୟ ଏ ପ୍ରଚଣ୍ଡ ଖରା ସତ୍ତ୍ୱେ ପିନ୍ଧୁନାହାଁନ୍ତି । ନିଜେ ଅସୁରକ୍ଷିତ ରହିବା ସହ ଅଂଶୁଘାତ ଜନିତ ଦୁର୍ଘଟଣାକୁ ମଧ୍ୟ ନିମନ୍ତ୍ରଣ କରୁଛନ୍ତି । ତେବେ କେତେକ କ୍ଷେତ୍ରରେ ନିଶା ସେବନ ଜନିତ କାରଣରୁ ଅଂଶୁଘାତ ସମସ୍ୟା ସହ ଅପ୍ରିତୀକର ପରିସ୍ଥିତି ସୃଷ୍ଟି ହେଉଛି । ଗ୍ରୀଷ୍ମ ପ୍ରଭାବ ସତ୍ତ୍ୱେ ନିର୍ବାଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାରୁ ଏହା ସ୍ୱାସ୍ଥ୍ୟଗତ ବିପଦ ଦେଖା ଦେଉଥିବାରୁ ନିର୍ବାଚନ କମିଶନ ଏହା ଉପରେ ତୁରନ୍ତ କଟକଣା ପ୍ରଣୟନ କରନ୍ତୁ ।

*ବିଭବ, ଆଚାର୍ଯ୍ୟ କଲୋନୀ,*
*ବାଲିଗୁଡ଼ା, କନ୍ଧମାଳ,*
*ଦୂରଭାଷ : ୯୪୩୭୨୪୨୩୧୭*

# ଜାଗତିକ ଉତ୍ତାପ ଓ ଭାରତ ବର୍ଷ


ଉମାଶଙ୍କର ପ୍ରସାଦ

ଦିନକୁ ଦିନ ବାୟୁ ମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ସ୍ଥିରତାରେ ବୃଦ୍ଧି ଘଟିବା ଯୋଗୁ ଜାଗତିକ ତାପମାତ୍ରାରେ ମଧ୍ୟ ବୃଦ୍ଧି ଘଟୁଛି । ନିକଟ ଅତିତରେ ହଗ୍‌ଠାରେ ଜାତିସଂଘ ବୈଠକ ଜାଗତିକ ଉଷ୍ଣତା ପ୍ରସଙ୍ଗରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜଳବାୟୁ ପରିବର୍ତ୍ତନ ଉପରେ ୧୯୯୭ କ୍ୟୋଟୋ ଚୁକ୍ତିର ମର୍ମକୁ ବହନ କରି ଅଗ୍ରଗତି ହେବା ପାଇଁ ବୈଠକରେ ଆଦୃତ ହୋଇଥିଲା । ଉକ୍ତ ଅନୁଷ୍ଠିତ ବୈଠକରେ ୧୮୫ ଟି ରାଷ୍ଟ୍ର ଅଂଶ ଗ୍ରହଣ କରିଥିଲେ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିଯେ ଜାଗତିକ ଉତ୍ତାପ ଭଳି ଏକ ବିଷମ ବିଷୟ ବସ୍ତୁ ଉପରେ କୌଣସି ପ୍ରସ୍ତାବ ଗୃହୀତ ହୋଇପାରିନଥିଲା । ଜାଗତିକ ଉତ୍ତାପର ତତ୍ତ୍ୱ ସମ୍ବନ୍ଧରେ ବର୍ଷ ବର୍ଷ ଧରି ସଂଶୟବାଦ ର ବର୍ଷ ଅତିକ୍ରମ କରିବା ପରେ ସର୍ବଶେଷ ବୈଜ୍ଞାନିକ ଗବେଷଣାରୁ ଯାହା ଜଣାପଡେ ଆମର ପୃଥିବୀ ଭଳି ଗ୍ରହ ଦିନକୁ ଦିନ ଉତପ୍ତ ହେବାରେ ଲାଗୁଛି । ଏହା ମନୁଷ୍ୟକୃତ ଅଙ୍ଗାରକାମ୍ଳ ବାଷ୍ପ ଉଦ୍‌ଗିରଣ ତଥା ପ୍ରଦୂଷିତ ଶିଳ୍ପ କାରଖାନାରେ ବ୍ୟବହୃତ ଯନ୍ତ୍ରପାତି ପରି ଉପାଦାନ ବୋଲି ଅନୁମନରୁ ଜଣାଯାଏ । ପୃଥିବୀ ତାହାର ସାଧାରଣ ଗତିରେ ସୂର୍ଯ୍ୟଙ୍କଠାରୁ ଯେଉଁ ଉତ୍ତାପ ପାଏ ତାହାକୁ ସେ ସେହି ହାରରେ ବାୟୁମଣ୍ଡଳରେ ବିଚ୍ଛୁରିତ କରିଥାଏ । କିନ୍ତୁ ଆମ ଦେଶରେ ଯେଉଁ ଦିନଠାରୁ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଛି ସେହିଦିନରୁ ଆମର ଶିଳ୍ପ କାରଖାନା ଯୋଗୁଁ ବାୟୁମଣ୍ଡଳରେ ଅଧିକ ଉତ୍ତାପ ବୃଦ୍ଧି ପାଇବାରେ ଲାଗିଛି । ପୃଥିବୀରେ ଇନ୍ଧନର ଜ୍ୱଳନ ଯୋଗୁ ଅଙ୍ଗାରକାମ୍ଳ ଏକ ପରଦା ଭଳି କାମ କରୁଛି ଯାହାକି ସୂର୍ଯ୍ୟଙ୍କର ଦୀର୍ଘ ତରଙ୍ଗାୟିତ ବିକିରଣର କେତେକାଂଶକୁ ଏହା ଧରି ରଖୁଛି । ସୂର୍ଯ୍ୟ ଯେଉଁ ଉତ୍ତାପ ପୃଥିବୀଠାରୁ ନେଇଥାଏ ତାହାକୁ ସେହି ପୃଥିବୀ ପୃଷ୍ଠରେ ଛାଡିବା ଫଳରେ ତାହାର ପ୍ରତିଫଳନ ସୃଷ୍ଟି ହୋଇଥାଏ । ବୈଜ୍ଞାନିକଙ୍କ ମତରେ ଏହା ଯାହା ସୃଷ୍ଟି କରେ ତାହାକୁ ସବୁଜ ଭଣ୍ଡାରର ପ୍ରଭାବ ବୋଲି କୁହନ୍ତି । ଏମିତି ଆହୁରି ଅନେକ ବାଷ୍ପମାନ ରହିଛି ଯାହାକି ଏହି ଅବସ୍ଥା ସୃଷ୍ଟି କରିଥାଏ । ଯଦି ଏହି ହାରରେ ଏପରି ସବୁଜଭଣ୍ଡାରରେ ବାଷ୍ପ ଉଦ୍‌ଗିରଣ ଲାଗି ରୁହେ ତେବେ ଏହା ବିଶ୍ୱାସ କରିବାକୁ ହେବେଯ ୨୦୫୦ ମସିହା ସୁଦ୍ଧା ପୃଥିବୀର ତାପମାତ୍ରା ୧.୫ ରୁ ବଢି ୪.୫ସେଣ୍ଟିଗ୍ରେଡରେ ପହଞ୍ଚିବ ।

ପ୍ରାପ୍ତ ତଥ୍ୟ ଅନୁଯାୟୀ ଦେଖିବାକୁ ଗଲେ ପ୍ରତି ୧୦୦ ବର୍ଷରେ ଭାରତ ୫୭ ଡିଗ୍ରୀ ସେଲସିୟସ୍ ହାରରେ ଉତପ୍ତ ହେଉଛି । ୧୯୯୮ ମସିହା ଥିଲା ବିଗତ ଏକ ଶତ ବର୍ଷ ପରେ ସର୍ବାଧିକ ଉତପ୍ତ ବର୍ଷ । ଭୟ ଆସେ ଯେ ପାଗର ପରିବର୍ତ୍ତନ ଯୋଗୁ ଉତ୍ତାପ ଆହୁରି ଦ୍ରୁତ ଗତିରେ ବୃଦ୍ଧି ପାଇପାରେ । ୨୦୨୦ ସୁଦ୍ଧା ବାର୍ଷିକ ହାରା ହାରି ତାପମାତ୍ରା ୧.୪ ସେଲସିୟସ୍ ଉଷ୍ଣ ରହିଥିଲା ଏବଂ ୨୦୫୦ ମସିହା ବେଳକୁ ତାହା ୨.୭ ଡିଗ୍ରୀ ସେଲସିୟସ ରହିବ ବୋଲି ଆକଳନ କରାଯାଇଛି । ବବିଷ୍ୟତ ପୁରା ଭୟଙ୍କର । ପରିବର୍ତ୍ତିତ ତାପମାତ୍ରା ପର୍ଯ୍ୟାପ୍ତ ଅଞ୍ଚଳରେ ପରିବେଶ ବିଜ୍ଞାନ ସହ ବିନାଶର ଖେଳ ଖେଳୁଛି । ଏହା ନିଶ୍ଚିତ ଯେ ଆଗାମୀ ଦିନମାନଙ୍କରେ ଅବସ୍ଥା ଆହୁରି ବେଶୀ ଶୋଚନୀୟ ଆଡକୁ ଗତି କରିବ । ପ୍ରକୃତି ପକ୍ଷରୁ ମୌସୁମୀ ପୃଥିବୀ ପ୍ରତି ଉଦାରତା ପ୍ରକାଶ କରିବା ବ୍ୟତିତ ଅନ୍ୟ କିଛି କରିପାରିବ ନାହିଁ । ଓଡିଶା ପରି କେତେକ ରାଜ୍ୟ ଗରମ ହାୱାର କଷ୍ଟ ଏଭଳି ଭୋଗ କରି ଚାଲିବେ ଯାହାକି ଆଗରୁ କେବେବି ଶୁଣା ଯାଇ ନଥିଲା । ୧୯୯୯ ମସିହାରେ ଏହାର ପ୍ରଭାବ ଯୋଗୁ ଭୀଷଣକାୟ ବାତ୍ୟା ସୃଷ୍ଟି ହୋଇ ପ୍ରଭୂତ କ୍ଷତି ସାଧନ ହୋଇଥିଲା । ଯଦି ଏପରି ଧାରାରେ ଜାଗତିକ ଉତ୍ତାପ ଲାଗି ରହେ ତେବେ ଆହୁରୀ ବଡଧରଣର ବାତ୍ୟାର ସମ୍ମୁଖୀନ ହେବା କିଛି ବିଚିତ୍ର ନୁହେଁ । ଜଣାଯାଏ ସାରା ପୃଥିବୀ ପୃଷ୍ଠରେ ବରଫ ଖଣ୍ଡମାନ ସାଧାରଣ ଗତି ଅପେକ୍ଷା ଦ୍ରୁତ ଗତିରେ ତରଳିବାକୁ ଆରମ୍ଭ କଲାଣି । ବରଫ ଓ ଧାନ ଉପରେ ଆନ୍ତର୍ଜାତିକ ଆୟୋଗ ଯାହା କହିଛି ତାହା ହେଲା, ଯଦି ସାମ୍ପ୍ରତିକ ହାର ଲାଗି ରୁହେ ତେବେ ଖୁବ୍ ବେଶିରେ ୨୦୩୫ ମସିହା ସୁଦ୍ଧା ବରଫ ଖଣ୍ଡ ଉଭେଇ ଯିବାର ସମ୍ଭାବନାକୁ କେହି ଏଡାଇ ପାରିବେ ନାହିଁ । ଗଙ୍ଗୋତ୍ରୀ ବରଫଖଣ୍ଡ ବାର୍ଷିକ ୩୦ ମିଲିଗ୍ରାମ ହାରରେ ପଛକୁ ଫେରୁଛି । ବରଫ ଖଣ୍ଡ ତରଳିବାକୁ ଆରମ୍ଭ କରୁଥିବାବେଳେ ଝେଲମ୍ ଭଳି ନଦୀ ଗ୍ରୀଷ୍ମଋତୁର ପ୍ରାରମ୍ଭରେ ଶୁଖିଯାଉଛି । ସେହିଭଳି କାଶ୍ମୀର ଭଳି ରାଜ୍ୟରେ ମରୁଡି ସାଧାରଣ କଥା ହୋଇଗଲାଣି । ଉତପ୍ତ ତାପମାତ୍ରା ଏବଂ ଜଳାଭାବ ଉଭୟ ମିଳି ଶସ୍ୟ ଉତ୍ପାଦ କ୍ଷେତ୍ରକୁ ଯେଉଁଭଳି ପ୍ରଭାବିତ କରୁଛନ୍ତି ସେଥିରେ ଖାଦ୍ୟ ନିରପତ୍ତା ଯେ ସଙ୍କଟାପନ୍ନ ହେବ ଏଥିରେ ସନ୍ଦେହର ଅବକାଶ ନାହିଁ । ୨୦୨୦ ସୁଦ୍ଧା ସମୁଦ୍ର ପତ୍ତନ ବାର୍ଷିକ ୪ ରୁ ୮ ସେଣ୍ଟିମିଟର ହାରରେ ବୃଦ୍ଧି ପାଇବ ବୋଲି ଆକଳନ କରା ଯାଇଥିଲା । ଏହାର ପ୍ରଭାବରେ କଚ୍ଛର ରାନ୍ନ ପରି ଲୁଣିଆ ଜଳପ୍ଲାବିତ ଅଞ୍ଚଳ ସୃଷ୍ଟି କରିପାରେ ବୋଲି ଆଶଙ୍କା କରାଯାଉଛି । ସୁନ୍ଦର ବନ ପ୍ରଭାବିତ ହେବା ସହ ନିମ୍ନ ଭାଗରେ ଥିବା ଲାକ୍ଷାଦ୍ୱୀପ ପରି ପ୍ରବାଳ ଦ୍ୱୀପ ପୃଥିବୀ ପୃଷ୍ଠରୁ ଉଭାଇ ଯିବ ! କ୍ଷୟପ୍ରାପ୍ତ ହେଉଥିବା ସମୁଦ୍ର ଉପକୂଳ ଚିରଦିନ ପର୍ଯ୍ୟଟକଙ୍କ ପାଇଁ ଅନ୍ଧାର ହୋଇଯିବ । ଉଚ୍ଚ ତାପମାତ୍ରା ଯୋଗୁଁ ମ୍ୟାଲେରିଆ ପରି ବାୟୁମଣ୍ଡଳୀୟ ବ୍ୟାଧିର ପ୍ରାଦୁର୍ଭାବ ବଢିଚାଲିବ । ଉଚ୍ଚ ଅକ୍ଷାଂଶରେ ଖାଦ୍ୟ ପାଇଁ ଅନିଷ୍ଟକର କୀଟ ବା ପଶୁଙ୍କର ସ୍ଥିତି ଦେଖାଦେବ । ଏଭଳି ବିଷମ ପରିସ୍ଥିତିରୁ ମୁକ୍ତି ପାଇବା ପାଇଁ ପ୍ରତ୍ୟେକ ନାଗରିକ ସବୁଜ ଅରଣ୍ୟ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବା ସହ ପରିବେଶଜନିତ ବିଷୟବସ୍ତୁ ଉପରେ ମଧ୍ୟ ଧ୍ୟାନ ଦବାର ସମୟ ଆସିଛି । ଆମର ପ୍ରାକ୍ ପ୍ରସ୍ତୁତି ଠିକ୍ ରହିଲେ ଆମେ ଜାଗତିକ ଉଷ୍ଣତା ପରି ବିପର୍ଯ୍ୟୟ ପାଖରୁ ନିଜକୁ ରକ୍ଷା କରିପାରିବା ।

*ମାର୍ଗଦର୍ଶୀ,*
*ଖୋର୍ଦ୍ଧା (୬୩୭୦୬ ୭୫୫୬୨)*

# ସିନେ ତାରକାମାନେ ସତ୍ୟରେ କ'ଣ ଗ୍ରହଣୀୟ ନେତା ?


ଗୋପୀନାଥ ଦାଶ

ଆମେ ପିଲାଦିନୁ ପଢ଼ିଛେ ଜଣେ ବଡ଼ ମଣିଷଙ୍କ କଥା – "ଉତ୍କଳେ ନେତାଙ୍କ ନାହିଁ ପ୍ରୟୋଜନ, ଉତ୍କଳର ନେତା ସ୍ୱଂୟ ନାରାୟଣ" । ଆଜିର ନିର୍ବାଚନକୁ ଦେଖିଲେ ଲାଗୁଛି ଏହି ବିଲକ୍ଷଣ ଧାଡ଼ିଟି ସମ୍ଭବତଃ ଅପ୍ରାସଙ୍ଗିକ ହୋଇଗଲାଣି । ପ୍ରତି ନିର୍ବାଚନରେ ଭେଳିକି ଭେଳିକି ନେତା ଉଡ଼ା ଚଢ଼େଇ ପରି ଏ ଦଳରୁ ସେ ଦଳକୁ ଡେଇଁଥାନ୍ତି, କେହି କେହି ନୂଆ ବି ରାଜନୀତିକୁ ଆସିଥାନ୍ତି । ରାଜନୀତିରେ ସିନେ ତାରକାଙ୍କ ଗହଳି ଓ ପ୍ରଭାବ ଦାକ୍ଷିଣାତ୍ୟରେ ବେଶ୍ ଜୋରଦାର ଭାବେ ଦେଖିବାକୁ ମିଳିଥାଏ । ସେପଟେ ସିନେ ତାରକାମାନେ ବିପୁଳ ଭୋଟରେ ନିର୍ବାଚନ ଜିଣିବାକୁ ସକ୍ଷମ ହୋଇଥାନ୍ତି । କିନ୍ତୁ ଓଡ଼ିଶା କଥା ଟିକେ ଅଲଗା । ଏହି ସିନେ ତାରକାମାନେ ସମ୍ଭବତଃ ରାଜନୀତିକୁ ସିନେମା ଭାବି ଆସିଥାନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦିଅନ୍ତି । ଏମିତିରେ କହିଲେ ଆଜିର ସମୟରେ ଓଡ଼ିଶାର ବଡ଼ ନେତାଭାବେ ଅନୁଭବ ମହାନ୍ତିଙ୍କଠାରୁ ସିଦ୍ଧାର୍ଥ ମହାପାତ୍ର, ଆକାଶ ଦାସ ନାୟକଙ୍କଠାରୁ ଅରବିନ୍ଦ ରାୟ ଏପରି ଆହୁରି କେତେ କ'ଣ ନେତାସବୁ ଅଛନ୍ତି । ତେବେ ନେତାମାନଙ୍କ ନିର୍ବାଚନରେ ଯୋଗଦାନ ସବୁଠାରୁ ବଡ଼ ଜଟିଳ ଅଡୁଆ ସୃଷ୍ଟି କରିଛି ଯାଜପୁରର ବଡ଼ଚଣା ବିଧାନସଭା ନିର୍ବାଚନ ମଣ୍ଡଳୀରେ । ଦିନ ଥିଲା ଏଠାରେ ନିର୍ବାଚିତ ପ୍ରତିନିଧି ମୁଖ୍ୟମନ୍ତ୍ରୀ ଓ ଉପ-ବାଚସ୍ପତି ପଦ ପରି ଗରିମାମୟ ପଦମଣ୍ଡନ କରି ରାଜବାସୀଙ୍କ ସେବା କରିଛନ୍ତି । କିନ୍ତୁ ନିଜକୁ ବଡ଼ ଦଳ କହୁଥିବା ବିଜେଡ଼ିର ଏପରି କ'ଣ ଅଡୁଆ ପରିସ୍ଥିତି ହେଲା ଯେ କେତେ କେତେ ନେତାଙ୍କୁ ଛାଡ଼ି ବର୍ଷା ପ୍ରିୟଦର୍ଶିନୀଙ୍କୁ ପ୍ରାର୍ଥୀଭାବେ ବଡ଼ଚଣା ବାସୀ ଉପରେ ଏକପ୍ରକାର ଲଦି ଦେଇଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ବଡ଼ଚଣା ନିର୍ବାଚନ ମଣ୍ଡଳୀ କିମ୍ବା ଏହାର ପଡ଼ୋଶୀ ନିର୍ବାଚନ ମଣ୍ଡଳୀ ସହ ବର୍ଷା ପ୍ରିୟଦର୍ଶିନୀଙ୍କ ସହ କୌଣସି ପ୍ରକାର ସମ୍ପର୍କ ନାହିଁ । ତେବେ ଦଳ ଏପରି ବିବାଦୀୟ ଓ ଅଗ୍ରହଣୀୟ ନିଷ୍ପତ୍ତି କାହିଁକି ନେଲା ତାହା ଭୋଟ୍ ଫଳରୁ ବେଶ୍ ଭଲଭାବେ ଜଣାପଡ଼ିଯିବ । କାରଣ ବର୍ଷା ପ୍ରିୟଦର୍ଶିନୀଙ୍କ ମୁକାବିଲା ହେବ ବିଜେପିର ଲୋକପ୍ରିୟ ଯୁବ ଚେହେରା ଓ ନିର୍ବିବାଦୀୟ ବ୍ୟକ୍ତିତ୍ୱ ଅମର ନାୟକଙ୍କ ସହିତ । ବଡ଼ଚଣା ନିର୍ବାଚନ ମଣ୍ଡଳୀକୁ ବିଜେପି ବେଶ୍ ସଙ୍ଗଠିତ କରି ମଜବୁତ କରି ସକ୍ଷମ ହୋଇଥିବା ବେଳେ ବର୍ଷା ପ୍ରିୟଦର୍ଶନୀଙ୍କ ଆଗମନ ଅମର ନାୟକଙ୍କ ବିଜୟ ବ୍ୟବଧାନକୁ ଆହୁରି ବଢ଼ାଇ ଦେବାରେ ନିଶ୍ଚିନ୍ତ ସକ୍ଷମ ହେବ ।

ଅସଲ କଥା ହେଉଛି ସିନେ ତାରକାମାନେ ରାଜନୀତିକୁ ଆସିବାର ମୋହ ସେମାନଙ୍କୁ ଏହି ବୃତ୍ତିକୁ ଟାଣି ଆଣିଥାଏ । ଏହା ଏକ ସ୍ୱାଭାବିକ କଥା ସିନେମାରେ ଚକମକ୍ ଅଭିନୟର ଯାଦୁ ଦେଖାଉଥିବା ତାରକାମାନଙ୍କୁ ପାଖରେ ଦେଖିବାକୁ ସମସ୍ତେ ଟିକେ ଚାହାଁନ୍ତି । ସିନେ କଳାକାରମାନେ ନିଜ ଅଭିନୟ ଯାଦୁରେ ଲୋକ ଗହଳି ସୃଷ୍ଟି କରିପାରନ୍ତି । କିନ୍ତୁ ଏହା ନିଶ୍ଚିନ୍ତ ସତ୍ୟ କୌଣସି ରାଜନୈତିକ ଦଳର ବିନା ପୃଷ୍ଠପୋଷକତା, ପ୍ରୋତ୍ସାହନ ଓ ବାନର ବିନା ସେମାନେ ଜିତିବାକୁ ସମ୍ପୂର୍ଣ୍ଣ ଅସମର୍ଥ । କେତେକ କ୍ଷେତ୍ରରେ ଦେଖାଯାଏ ନିର୍ବାଚନରେ ଦଳର ପ୍ରଚାର କରିଥିବା ନାମଜାଦା ଅଭିନେତା ଅଭିନେତ୍ରୀମାନଙ୍କୁ ରାଜନୈତିକ ଦଳମାନେ ପରବର୍ତ୍ତୀ ସମୟରେ ଟିକେଟ ଦେଇଥାନ୍ତି । କିନ୍ତୁ ରାଜନୀତିର ଅ-ଅକ୍ଷର ଜାଣିନଥିବା ଦାଉପେଞ୍ଚ ଭିତରେ ଅନେକ ଗୋଳିଆପାଣି ଭିତରେ ପଶି ବିଫଳ ହୋଇଥାନ୍ତି । ପରଦାରେ ଦୁଃଖୀରକ୍ଷୀଙ୍କ ମନକୁ ବୁଝୁଥିବା ଅଭିନେତା ଜଣେ ବାସ୍ତବରେ କ'ଣ ଦୁଃଖୀ, ଅଭାବୀ, ଅସହାୟ ମଣିଷର ଦୁଃଖକଷ୍ଟକୁ ବୁଝିବାରେ ସମର୍ଥ ହୋଇଥାଏ କି ? ମୁହଁରେ ପାଉଡର ବୋଲି ରାଜନୀତିର ରଙ୍ଗ ଭିତରେ ଅନେକ ସିନେ କଳାକାର ବାଟବଣା ହୋଇ ପରିଶେଷରେ ରାଜନୀତିରୁ ଓହରି ଯାଇଛନ୍ତି । କିନ୍ତୁ ରାଜନୀତିରେ କ୍ୱଚିତ୍ ସଫଳ ହୋଇଛନ୍ତି । କିଛିଦିନ ତଳେ ନବୀନ ନିବାସରେ ଓଡ଼ିଶାର ବାବୁ ସାନ୍, ଅମ୍ଳାନ, ପପୁ ପମନମ୍, ଭୂମିକା, ସୁପ୍ରିୟାଙ୍କ ଭଳି ଅଭିନେତା ଅଭିନେତ୍ରୀମାନେ ସୁପ୍ରିମୋଙ୍କୁ ସାକ୍ଷାତ୍ କରି ନିର୍ବାଚନରେ କାମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ନିର୍ବାଚନ ପ୍ରଚାରରେ ଏମାନେ ଭୋଟ୍ ସଂଗ୍ରହରେ କିଛି ମାତ୍ରାରେ ଗ୍ରହଣୀୟ ହୋଇ କିଛିଟା ଭୋଟ ପ୍ରାର୍ଥୀଙ୍କ ପାଇଁ ଯୋଗାଡ଼ କରିବାରେ ସମର୍ଥ ହୋଇଥାନ୍ତି । ରାଜନୈତିକ ଦଳର ସୁପ୍ରିମୋ ଓ ମୁଣ୍ଡିଆଳମାନଙ୍କ ବଡ଼ ଆଶା ଓ ଭରସା ଯେ ଏହି ଲୋକପ୍ରିୟ ସିନେ ତାରକାମାନେ ଦଳରେ ମିଶି ନିର୍ବାଚନରେ ଛିଡ଼ାହେଲେ ସେମାନଙ୍କର ଦର୍ଶକ ଓ ସମର୍ଥକ ଦଳ ପ୍ରତି ଭୋଟ ଅଜାଡ଼ି ଦେବେ । କିନ୍ତୁ ଓଡ଼ିଶା ପରି ସ୍ୱାଭିମାନି ରାଜ୍ୟରେ ଏହା ସମ୍ଭବ ହୋଇପାରି ନଥାଏ । ଯାଜପୁରର ବଡ଼ଚଣାରେ ଅଞ୍ଚଳବାସୀ ବର୍ଷା ପ୍ରିୟଦର୍ଶିନୀଙ୍କ ପରି ଅଭିନେତ୍ରୀଙ୍କୁ ସ୍ୱାଭିମାନର ଆଇନା ନିଶ୍ଚୟ ଦେଖାଇବେ ଏଥିରେ ଦ୍ୱିମତ ନାହିଁ । ତୃଣମୂଳ ସ୍ତରରେ ନେତାମାନେ ଗ୍ରହଣୀୟ ହୋଇପାରନ୍ତି ନାହିଁ । ପ୍ରଚାର ଦାୟିତ୍ୱରେ ସୀମିତ ରହିଲେ ସେମାନଙ୍କୁ କର୍ମୀମାନେ ସହଯୋଗ କରିପାରନ୍ତି ସିନା କିନ୍ତୁ ସେମାନଙ୍କୁ ନେତା ଭାବେ ଗ୍ରହଣ କରିବାକୁ କୁଣ୍ଠା ପ୍ରକାଶ କରନ୍ତି । ଅନେକ ଦଳ ନିର୍ବାଚନରେ ଏହି ସିନେ ତାରକାମାନଙ୍କୁ ପ୍ରାଥମିକ ଅବସ୍ଥାରେ ଟିକେଟ ଦେଇ ପରେ ଟିକେଟ ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଛନ୍ତି । ତେଣୁ ଏ କ୍ଷେତ୍ରରେ ଦଳୀୟ ନେତୃବର୍ଗ ସେମାନଙ୍କର ରଣନୀତି ଓ ରାଜନୈତିକ ଗୋଟି ଚାଳନା କ'ଣ କରିବେ ? କ'ଣ ରଖିବେ ? ତାହା ତ ସେମାନଙ୍କର ଦଳୀୟ ବେପାର କିନ୍ତୁ ଏହି ସିନେ ତାରକାମାନେ ଚକମକ କରୁଥିବା ସେମାନଙ୍କ ମୁହଁର ଆଉ ଅଭିନୟର ଯାଦୁ ନେଇ ଲୋକମାନଙ୍କ ପାଖରେ ପହଞ୍ଚ ସେମାନଙ୍କର ସମର୍ଥନ ଜୁଟାଇ ପାରୁଛନ୍ତି କି ନାହିଁ ତାହା ତ ସମୟ କହିବ ?

ବରଦା, ବାଲିଚନ୍ଦ୍ରପୁର, ଯାଜପୁର
ଦୂରଭାଷ : ୮୮୯୫୨୯୬୧୬୭

# ସାହିତ୍ୟ ସନ୍ନ୍ୟାସୀ – ମନୋଜ ଦାସ


ଅକ୍ଷୟ କୁମାର ରାଉତ

ସାହିତ୍ୟ ସତ୍ୟ-ଶିବ-ସୁନ୍ଦର କଥା କହେ । ସାହିତ୍ୟ ଗୋଟିଏ ଦେଶ, ଜାତି ଓ ସମାଜର କଥା କହେ । ମଣିଷଙ୍କୁ ଅସତ୍ ପଥରୁ ସତ୍‌ପଥକୁ, ଅନ୍ଧାରରୁ ଆଲୋକକୁ, ଅନୀତି କାର୍ଯ୍ୟରୁ ନୀତି ଓ ଆଦର୍ଶକୁ, ଅବାଟରୁ ବାଟକୁ, ଅବିଦ୍ୟାରୁ ବିଦ୍ୟାକୁ, ବିଶୃଙ୍ଖଳାରୁ ଶୃଙ୍ଖଳାକୁ, ଅସୁନ୍ଦରରୁ ସୁନ୍ଦର ଆଡକୁ ନେବାରେ କାଳଜୟୀ ସ୍ରଷ୍ଟା ତାର ସାହିତ୍ୟ ମାଧ୍ୟମରେ ସଫଳ ହୁଏ । ମାଟି ମା' ଓ ମାନବିକ ମୂଲ୍ୟବୋଧର ଭାବ ଭାଷା ଶବ୍ଦ ଏବଂ ଶୈଳୀକୁ କଲମ ମୁନରେ ଯିଏ ସମ୍ମାନ ଦିଏ, ସେ ହେଉଛନ୍ତି ଆନ୍ତର୍ଜାତିକ ଲେଖକ, କଥାକାର, ସାଧକ ପଦ୍ମଭୂଷଣ ମନୋଜ ଦାସ । ଭାରତୀୟ କଥା ସାହିତ୍ୟର ନାୟକ ୧୯୩୪ ମସିହା ଫେବୃଆରୀ ମାସ ୨୭ ତାରିଖରେ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ୍ ଶଙ୍ଖାରୀ ଗ୍ରାମରେ ପିତା ମଧୁସୂଦନ ଦାସ ଓ ମାତା କାଦମ୍ବିନୀ ଦେବୀଙ୍କ କୋଳମଣ୍ଡନ କରିଥିଲେ । ତାଙ୍କ ଜ୍ୟେଷ୍ଠ ଭାଇଙ୍କ ନାମ ଥିଲା ଐତିହାସିକ ଡ.ଃ ମନ୍ମଥନାଥ ଦାସ । ତାଙ୍କ ତିନି ଭଉଣୀଙ୍କ ନାମ ସୁରବାଳା, ସ୍ନେହବାଳା ଓ ଶାନ୍ତିବାଳା ଥିଲା ।

ନିଜ ଗାଁ ଶଙ୍ଖାରୀ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ତାଙ୍କର ଖଡିଛୁଆଁ ହୋଇଥିଲା । ଜମାଲପୁରସ୍ଥିତ ବିଶ୍ୱନାଥ ଏକାଡେମୀ, ଜଳେଶ୍ୱରପୁର ହାଇସ୍କୁଲ ଓ ବାଲେଶ୍ୱର ଜିଲ୍ଲା ହାଇସ୍କୁଲରୁ ପାଠପଢ଼ା ଶେଷକରି ୧୯୫୧ ମସିହାରେ ମାଟ୍ରିକ ପାସ୍ କରିଥିଲେ । ପାଠ ପଢ଼ିବା ସମୟରେ ସେ ତାଙ୍କର ବଡଭାଇ ମନ୍ମଥନାଥ ଦାସଙ୍କ ସାଙ୍ଗରେ ଯେଉଁ ଭଡାଘରେ ରହୁଥିଲେ ସେ ଘରଟି ଥିଲା କଥାସାହିତ୍ୟର ସମ୍ରାଟ ଫକୀର ମୋହନଙ୍କର । ସେ ଫକୀରମୋହନ ମହାବିଦ୍ୟାଳୟରୁ ଇଣ୍ଟର ମିଡିଏଟ୍ ପାସ୍ କରିଥିଲେ । ୧୯୫୩-୫୪ ମସିହାରେ ସେ ଏଫ୍.ଏମ୍.କଲେଜ ଛାତ୍ର ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ନିଖିଳ ଉତ୍କଳ ଛାତ୍ର ସଂଘର ସମ୍ପାଦକ ଭାବେ ସେ ନିର୍ବାଚିତ ହୋଇଥିଲେ । ୧୯୫୬ ମସିହାରେ ସେ ସାମନ୍ତ ଚନ୍ଦ୍ରଶେଖର କଲେଜରୁ ବି.ଏ. ପାସ୍ କରିଥିଲେ । ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ ପାସ୍ କରିଥିଲେ । ସେ ମଧ୍ୟ ଆଇନ କଲେଜ୍ ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ଇଣ୍ଡୋନେସିଆଠାରେ ଅନୁଷ୍ଠିତ ଏସିଆ-ଆଫ୍ରିକା ଛାତ୍ର ସମ୍ମିଳନୀରେ ସେ ଭାରତୀୟ ଛାତ୍ର ସମାଜର ପ୍ରତିନିଧି ଭାବେ ଯୋଗଦେଇଥିଲେ । ୧୯୫୯ ମସିହାରେ ରେଭେନ୍ସା କଲେଜରୁ ଇଂରାଜୀ ଭାଷା ସାହିତ୍ୟରେ ସ୍ନାତକୋତର ପାସ୍ କରି କଟକର ଖ୍ରୀଷ୍ଟ୍ କଲେଜରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ ।

କୁଜଙ୍ଗ ରାଜ୍ୟର ରାଜକନ୍ୟା ରତ୍ନମାଳି ଜେମା ଓ କୁଜଙ୍ଗ ଗାନ୍ଧି, ପୂର୍ବତନ ଉପବାଚସ୍ପତି ନାରାୟଣ ବୀରବର ସାମନ୍ତଙ୍କ ଜ୍ୟେଷ୍ଠ କନ୍ୟା ପ୍ରତିଜ୍ଞା ଦେବୀଙ୍କ ସହ ମନୋଜ ଦାସଙ୍କ ୧୯୫୯ ମିସିହାରେ ବିବାହ ହୋଇଥିଲା । ୧୯୬୩ ମସିହାରେ ସେ ଶ୍ରୀ ଅରବିନ୍ଦ ଓ ଶ୍ରୀମାଙ୍କ ଦର୍ଶନ ପ୍ରତି ଆକୃଷ୍ଟ ହୋଇ ପଣ୍ଡିଚେରୀର ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ । ଶେଷ ପର୍ଯ୍ୟନ୍ତ ସେ ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ରହିଥିଲେ । ପିଲାଦିନୁ ତାଙ୍କ ମା କାଦମ୍ବିନୀ ଦେବୀଙ୍କ ପ୍ରଭାବ ତାଙ୍କ ଉପରେ ପଡିଥିଲା । ସେଥିପାଇଁ ସେ ସାହିତ୍ୟ ଆଡକୁ ମନ ବଳାଇଥିଲେ । ପରେ ସେ ଫକୀର ମୋହନଙ୍କ କୋଠାରେ ରହି ପଢ଼ିବା ଯୋଗୁ ତାଙ୍କର ଲେଖନୀ ଚାଳନା ସମସ୍ତଙ୍କୁ ବିସ୍ମିତ କରିଥିଲା । ଛୋଟ ଅବସ୍ଥାରୁ ସେ ହାରମୋନିୟମ ଧରି ଗୀତ ଗାଇବା ସହିତ ବଂଶୀବାଦନ କରୁଥିଲେ । ସେ ନିଜେ ସଙ୍ଗୀତ ନିର୍ଦ୍ଦେଶନା ଦେଉଥିଲେ । ସ୍କୁଲରେ ପଢ଼ିବା ସମୟରୁ ସେ ମାର୍କସବାଦ ପ୍ରତି ଆକୃଷ୍ଟ ହୋଇଥିଲେ । ଜଣେ ବିପ୍ଳବୀ ଛାତ୍ର ନେତା ଭାବରେ ୧୯୫୫ ମସିହାରେ ସେ କାରାବରଣ କରିଥିଲେ । ମନୋଜ ଦାସ ବିଶ୍ୱ କଥା ସାହିତ୍ୟର ଜଣେ ନାୟକ । ତାଙ୍କ କବିତା ଓ ପ୍ରବନ୍ଧ ଗଭୀର ଆତ୍ମିକ ଅନ୍ୱେଷାବୋଧ ଏବଂ ଛାନ୍ଦମୟ । ଉପନ୍ୟାସରେ ସମାଜର ସବୁ ଦିଗନ୍ତ ଓ ପରିଧିର ଭାବକୁ ରୂପାୟନ କରି ସମସ୍ତ ପାଠକ ମହଲରେ ସେ ବିଜୟ ଲାଭ କରିଛନ୍ତି ହୃଦୟର ଭଲ ପାଇବା । ଏହି ସାହିତ୍ୟ ସନ୍ନ୍ୟାସୀ ବହୁ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଭ୍ରମଣ କାହାଣୀ, କବିତା ଓ ଇତିହାସ ସଂସ୍କୃତି ରଚନା କରି ପ୍ରଜ୍ଞାପୁରୁଷ ଭାବେ ସାମଜରେ ପ୍ରଶଂସିତ ହୋଇଛନ୍ତି । ଉପନ୍ୟା ଗୁଡିକହେଲା – ଗୋଧୂଳିର ବାଘ (୧୯୯୫), ବୁଲଡୋଜର୍ସ (୧୯୮୯), ଅମୃତ ଫଳ (୧୯୯୭), ଆକାଶର ଇସାରା (୧୯୯୭), ଚନ୍ଦ୍ରାଲୋକର ପ୍ରହରୀ (୨୦୦୦), ଦ ଏସ୍କେପିଷ୍ଟ, ଏ ଟାଇଗର ଆଟ୍ ଟ୍ୱିଲାଇଟ୍, କନକ ଉପତ୍ୟକାର କାହାଣୀ, ଶେଷ ତାନ୍ତ୍ରିକର ସନ୍ଧାନରେ । ଗଳ୍ପ ସଙ୍କଳନ ସମୁଦ୍ରର କ୍ଷୁଧା (୧୯୫୨), ଜୀବନର ସ୍ୱାଦ (୧୯୫୩), ବିଷକନ୍ୟାର କାହାଣୀ (୧୯୫୪), ଆରଣ୍ୟକ (୧୯୭୦), ଶେଷ ବସନ୍ତର ଚିଠି (୧୯୬୫), ମନୋଜ ଦାସଙ୍କ କଥା ଓ କାହାଣୀ (୧୯୭୧), ଲକ୍ଷ୍ମୀର ଅଭିସାର (୧୯୭୪), ଆବୁ ପୁରୁଷଓ ଅନ୍ୟାନ୍ୟ କାହାଣୀ (୧୯୭୭), ମନୋଜ ପଂଚବିଂଶତି (୧୯୮୩), ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ (୧୯୮୭), ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ (୧୯୯୦), ଅବୋଲକରା କାହାଣୀ (୧୯୯୧), ମନୋଜ ଦାସଙ୍କ ଗଳ୍ପ (୧୯୯୨), ସମୁଦ୍ରକୂଳର ଏକ ଗ୍ରାମ । ଭ୍ରମଣ କାହାଣୀ – ଇନ୍ଦୋନେସିଆ ଅନୁଭୂତି (୧୯୫୭), ଦୂର ଦୂରାନ୍ତର (୧୯୭୩), ଅନ୍ତରଙ୍ଗ ଭାରତ; ପ୍ରଥମ ଭାଗ (୧୯୯୨), ଦ୍ୱିତୀୟ ଭାଗ (୧୯୯୬), କବିତା ସଙ୍କଳନ – ଶତାବ୍ଦୀର ଆର୍ତ୍ତନାଦ (୧୯୪୯), ବିପ୍ଳବୀ ଫକୀର ମୋହନ (୧୯୫୦) ପଦଧ୍ୱନି (୧୯୫୪), ନନ୍ଦାବତୀର ମାଝୀ (୧୯୫୭), ଉପନିବେଶ (୧୯୬୬) ତୁମ ଗାଁ ଓ ଅନ୍ୟାନ୍ୟ କବିତା (୧୯୯୨), ଏହିପରି ଅନେକ ସାହିତ୍ୟର ସ୍ରଷ୍ଟା ଭାବରେ ଶ୍ରଦ୍ଧା ଓ ସମ୍ମାନ ଅର୍ଜନ କରିଛନ୍ତି ତାହା ଆଉ କୌଣସି ଆଧୁନିକ ଓଡିଆ ଗଳ୍ପ ନାୟକଙ୍କ ପକ୍ଷରେ ସମ୍ଭବ ନୁହେଁ । ସାଧନା, ଚେଷ୍ଟା, ପରାକାଷ୍ଠା ଓ ନିପୁଣତା ଯୋଗୁ ଏହି ମହାନ୍ ସାରସ୍ୱତ ସାଧକ ଅନେକ ପୁରସ୍କାରର ଅଧିକାରୀ ହୋଇଥିଲେ । ମନୋଜ ଦାସ ଓଡିଶା ସାହିତ୍ୟ ଏକାଡେମୀ ଓ ଅତିବଡି ପୁରସ୍କାର ୧୯୭୨ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ, ୧୯୮୦ରେ ଶାରଳା ପୁରସ୍କାର, ୨୦୦୧ ମସିହାରେ ପଦ୍ମଶ୍ରୀ ଓ ୨୦୨୦ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ । ସେ ତାଙ୍କର ଉପନ୍ୟାସ ଅମୃତ ଫଳ ପାଇଁ ସରସ୍ୱତୀ ସମ୍ମାନ ଲାଭ କରିଥିଲେ ।

ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଲେଖକ ବିଶିଷ୍ଟ କଥାକାର, ସାଧକ, ପଦ୍ମଭୂଷଣ ମନୋଜ ଦାସ ୮୭ ବର୍ଷ ବୟସରେ ୨୦୨୧ ମସିହା ଏପ୍ରିଲ୍ ୨୭ ତାରିଖ ମଙ୍ଗଳବାର ଦିନ ଶ୍ରୀ ଅରବିନ୍ଦ ଆଶ୍ରମ ନର୍ସିଂହୋମ୍‌ରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କ ଆବର୍ତ୍ତମାନରେ ଭାରତୀୟ ସାହିତ୍ୟ ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ଏହି ବିଶିଷ୍ଟ ସାହିତ୍ୟ ସାରଥି ଆମ୍ଭମାନଙ୍କ ମଧ୍ୟରେ ସର୍ବଦା ଅମର ହୋଇ ରହିବେ ।

*ପାରାଦ୍ୱୀପଗଡ, କୁଜଙ୍ଗ*
*ଜଗତ୍‌ସିଂହପୁର*
*ମୋ.ନଂ.-୯୯୩୭୬୯୧୪୭୫*




# ଓଡ଼ିଶାର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ଅବସ୍ଥା ବିପର୍ଯ୍ୟସ୍ତ

ଭୁବନେଶ୍ୱର (ପିଏନ୍): ଓଡ଼ିଶାରେ ଲେପ୍ରା ସୋସାଇଟିରେ ଦୀର୍ଘ ବର୍ଷ ଧରି ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମରେ ନିଯୁକ୍ତି ପାଇଥିବା କୁଷ୍ଠକର୍ମୀମାନଙ୍କୁ ଓ ସୁପରଭାଇଜରମାନଙ୍କୁ ସ୍ୱାସ୍ଥ୍ୟବିଭାଗ ଏବଂ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ୧୬ ଜଣ ଫିମେଲ ଏବଂ ୧୦୨ ଜଣ ମେଲ୍ ୱାର୍କରଙ୍କୁ ରାଜ୍ୟର ଅଠରଟି ଜିଲ୍ଲାରେ ଖାଲି ପଡ଼ିଥିବା ନିୟମିତ ସ୍ୱାସ୍ଥ୍ୟକର୍ମୀ ପଦବୀରେ ୨୦୦୭-୨୦୦୯ ମସିହାରେ ସି.ଡି.ଏମ୍.ଓ.ମାନେ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଦାନ କରିଥିଲେ ଓ ଉକ୍ତ କର୍ମଚାରୀମାନଙ୍କ ମଧ୍ୟରୁ ୨୦୧୪ ମସିହାରେ ୬ ବର୍ଷ ପୁରି ଚାକିରିରେ ନିୟମିତ ହେବା କଥା ମାତ୍ର ସରକାରଙ୍କ ଅବହେଳାରୁ ଉକ୍ତ କର୍ମଚାରୀମାନେ ହତାଶମୟ ଜୀବନ ଅତିବାହିତ କରୁଛନ୍ତି ଏବଂ ସେମାନଙ୍କୁ ଜାଣିଶୁଣି ନିୟମିତ କରାଯାଇନାହିଁ। ଏହି ସମୟ ମଧ୍ୟରେ କିଛି କର୍ମଚାରୀ ମାନସିକ ଆଘାତ ପାଇ ଅକାଳରେ ମୃତ୍ୟୁବରଣ କରିଛନ୍ତି। ସେମାନଙ୍କ ମଧ୍ୟରେ କେଶବ ଚନ୍ଦ୍ର ସ୍ୱାଇଁ, ପି. ତ୍ରିନାଥ ରାଓ, ପ୍ରଦୀପ ପ୍ରଧାନ, ଭିକାରୀ ଚରଣ ସୁନା, ଦିଲ୍ଲୀପ କୁମାର ଗରି, ସୁକାନ୍ତ ଶେଖର ପାଣିଗ୍ରାହୀ, ମୁରଲିଧର ବେହେରା, ଅଚ୍ୟୁତାନନ୍ଦ ମୁଦୁଲି ଏବଂ ସୁଶାନ୍ତ ସେନାପତି ଇତ୍ୟାଦି ୮ ଜଣ ମୃତ୍ୟୁବରଣ କରିଥିବା ବେଳେ ୪ ଜଣ କର୍ମଚାରୀ ଅବସର ନେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ କନ୍ଧମାଳର ଶ୍ରୀ ରଞ୍ଜନ ମହାନ୍ତି ଓ ସୁନ୍ଦରଗଡ଼ର ଶ୍ରୀ ଅରବିନ୍ଦ ଭଞ୍ଜ ଏବଂ କାଲୁଲ୍ କୁମାର ବୋଷ ଇତ୍ୟାଦିଙ୍କୁ ନିୟମିତ ନିଯୁକ୍ତି ଦେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗରେ ନିଯୁକ୍ତି ପାଇଥିବା ଉକ୍ତ କର୍ମଚାରୀମାନଙ୍କ ମଧ୍ୟରୁ ଅଧିକାଂଶ କର୍ମଚାରୀମାନଙ୍କୁ ସ୍ୱାସ୍ଥ୍ୟ ବିଭାଗ ପୁରୁଷ ସ୍ୱାସ୍ଥ୍ୟକର୍ମୀ ତାଲିମ ଏବଂ ମହିଳା ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଏ.ଏନ୍.ଏମ୍. ତାଲିମ ଦେଇସାରିଛନ୍ତି। ରାଜ୍ୟ ସରକାର ୧୯୭୯ ମସିହାରେ ଡାନିସ୍ ଲେପ୍ରସି ସଂସ୍ଥାକୁ ହାତକୁ ନେଲାବେଳେ ୮୨ ଜଣ କୁଷ୍ଠକର୍ମୀଙ୍କୁ ନିୟମିତ ନିଯୁକ୍ତି ପ୍ରଦାନ କରିଥିଲେ ଏବଂ ୨୦୦୪ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅଧୀନରେ କାର୍ଯ୍ୟ କରିଥିବା ୭୫ ଜଣ କୁଷ୍ଠକର୍ମୀମାନଙ୍କୁ ସ୍ୱାସ୍ଥ୍ୟକର୍ମୀ ଭାବରେ ନିଯୁକ୍ତି ଦେଇଥିଲେ।

ପ୍ରକାଶଥାଉ କି ଏହି କର୍ମଚାରୀମାନେ କୁଷ୍ଠକର୍ମୀ ପଦବୀରେ ବହୁବର୍ଷ ପୂର୍ବେ କୋରାପୁଟ, ମାଲକାନଗିରି, ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, ବରଗଡ଼, ବଲାଙ୍ଗୀର, ସୋନପୁର, ନୂଆପଡ଼ା, ମୟୂରଭଞ୍ଜ ଜିଲ୍ଲାରେ ଯେଉଁଠାରେ ରାଜ୍ୟ ସରକାରଙ୍କ ମାନବ ସମ୍ବଳ ଓ ଇନ୍‌ଫ୍ରାଷ୍ଟ୍ରକ୍‌ଚର୍ ନ ଥିଲା ଏବଂ ଦୁର୍ଗମ ପାହାଡ଼ ପର୍ବତ ଘେରିରେ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରିବାଦ୍ୱାରା ୨୦୦୬-୨୦୦୭ ମସିହାରେ ଓଡ଼ିଶାକୁ କୁଷ୍ଠମୁକ୍ତ ରାଜ୍ୟ କରାଯାଇଥିଲା। ଏଥିପାଇଁ ରାଜ୍ୟପାଳ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ତରଫରୁ ସବୁ କର୍ମଚାରୀଙ୍କୁ ବେଷ୍ଟ ଲେପ୍ରସି ୱାର୍କର ଆୱାର୍ଡ଼ ପ୍ରଦାନ କରାଯାଇଥିଲା। ଏହି କର୍ମଚାରୀମାନେ ଦୀର୍ଘ ୧୪ ବର୍ଷ ଧରି ସ୍ୱାସ୍ଥ୍ୟକର୍ମୀ ପଦବୀରେ ସରକାରୀ ଟ୍ରେଜେରିରୁ ଦରମା, ଗ୍ରୁପ୍ ଇନ୍‌ସ୍ୟୁରାନ୍‌ସ୍, ପେନ୍‌ସନ୍ ସୁବିଧା ପାଉଛନ୍ତି। ସରକାରଙ୍କ ୬ ବର୍ଷିୟା ନିୟମ ଅନୁସାରେ ୨୦୧୪ ମସିହା ସୁଦ୍ଧା ସମସ୍ତଙ୍କୁ ଚାକିରିରେ ନିୟମିତ କରିବା କଥା, ମାତ୍ର ସ୍ୱାସ୍ଥ୍ୟ ବିଭାଗର କିଛି ଅଧିକାରୀମାନେ ଏକ ବୈଠକ ଡାକି ନିୟମିତ ନ କରିବା ପାଇଁ ବ୍ୟବସ୍ଥା କରିଛନ୍ତି। ମାନ୍ୟବର ଉଚ୍ଚ ନ୍ୟାୟାଳୟର ଆଦେଶକୁ ବାଭାଗ ରଦ୍ଦ କରିଛି। ଉକ୍ତ କର୍ମଚାରୀମାନେ ୨୦୧୪ରୁ ୨୦୨୨ ମସିହା ମଧ୍ୟରେ ଶହଶହ ଥର ସ୍ୱାସ୍ଥ୍ୟ ସଚିବଙ୍କୁ ଭେଟି ଆପତ୍ତି ଅଭିଯୋଗମାନ ଦେଇଥିଲେ ମଧ୍ୟ ତାହାକୁ ଅଣଦେଖା କରାଯାଇଅଛି। ସ୍ୱାସ୍ଥ୍ୟ ବିଭାଗ କହିବା କଥା ଯେହେତୁ ଆଡ଼ଭଟାଇଜ୍‌ମେଣ୍ଟ୍ ହେଇନାହିଁ, ତେଣୁ ରେଗୁଲାର ହୋଇପାରିବ ନାହିଁ। ୨୦୧୪ ମସିହାରୁ ୨୦୨୧ ମସିହା ମଧ୍ୟରେ ଉକ୍ତ କର୍ମଚାରୀଙ୍କ ରେଗୁଲାର ପାଇଁ ସ୍ୱାସ୍ଥ୍ୟ ବିଭାଗ ଏବଂ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସିଡିଏମ୍‌ଓମାନଙ୍କୁ ରିପୋର୍ଟ ମାଗିଥିଲେ। ଏକଥା ମଧ୍ୟ ରାଜ୍ୟ ବିଧାନସଭାରେ ଉଠିଥିଲା ମାତ୍ର ସମସ୍ତ ରିପୋର୍ଟକୁ ଚପାଇ ଦିଆଗଲା। ୨୦୧୯-୨୦୨୨ ମସିହାରେ ସ୍ୱାସ୍ଥ୍ୟ ବିଭାଗ ଏନ୍.ଏଚ୍.ଏମ୍., ସ୍କିମ୍ ସୋସାଇଟି ଏବଂ ମେଡ଼ିକାଲ୍ କର୍ପୋରେସନ୍‌ରେ ଚୁକ୍ତିଭିତ୍ତିକ ପଦବୀରେ ନିଯୁକ୍ତି ପାଇଥିବା ହଜାର ହଜାର ପାରାମେଡ଼ିକ୍ସ କର୍ମଚାରୀଙ୍କୁ ନିୟମିତ କରିଛନ୍ତି। ଏହି କର୍ମଚାରୀମାନେ ସ୍ୱାସ୍ଥ୍ୟବିଭାଗର ଅନୁମୋଦିତ ନିୟମିତ ଖାଲି ପଦବୀରେ ନିଯୁକ୍ତି ପାଇ ନଥିଲେ। କିନ୍ତୁ ମାତ୍ର ୧୦୪ ଜଣ କର୍ମଚାରୀଙ୍କୁ ବିଭିନ୍ନ ଆଳ ଦେଖାଇ କାହିଁକି ନିଯୁକ୍ତି ଦିଆଯାଉ ନାହିଁ ତାହା ବୁଝାପଡୁନାହିଁ। ଉକ୍ତ କର୍ମଚାରୀମାନଙ୍କ ମଧ୍ୟରୁ ଅଧିକାଂଶ ରାଜ୍ୟର ବିଭିନ୍ନ କୁଷ୍ଠ କଲୋନୀର ନିଜେ କୁଷ୍ଠମୁକ୍ତ ବ୍ୟକ୍ତି ଏବଂ ଏମାନଙ୍କର ପିତାମାତା ମଧ୍ୟ କୁଷ୍ଠ ଭିନ୍ନକ୍ଷମରେ ପୀଡ଼ିତ। ନିକଟରେ ଆଇ.ଜି. ପାର୍କଠାରେ ଏକ ବୈଠକର ଆୟୋଜନ କରାଯାଇଥିଲା ଏବଂ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ କର୍ମଚାରୀମାନେ ଏକତ୍ରିତ ହୋଇ ସରକାରଙ୍କର ଏଭଳି କାର୍ଯ୍ୟକୁ ଦୃଢ଼ ନିନ୍ଦା କରିଥିଲେ। ସମସ୍ତ କର୍ମଚାରୀ ସରକାରଙ୍କୁ ଏକମାସ ମଧ୍ୟରେ ନିୟମିତ କରିବା ପାଇଁ ପ୍ରେସ୍ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ସାମାଜିକ ସୁରକ୍ଷା ମନ୍ତ୍ରୀ ଏବଂ ଭିନ୍ନକ୍ଷମ ସଶକ୍ତିକରଣ ଓ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ପଦକ୍ଷେପ ନେବେ ବୋଲି ଆଶା ବ୍ୟକ୍ତ କରିଛନ୍ତି। ବିଜେଡିର ସାଙ୍ଗଠନିକ ସମ୍ପାଦକ ଏବଂ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ପ୍ରଣବ ପ୍ରକାଶ ଦାସଙ୍କୁ ଅବଗତ କରାଯାଇ ଏକ ସ୍ମାରକପତ୍ର ତା୦୬/୦୯/୨୦୨୧ରେ ପ୍ରଦାନ କରାଯାଇଛି। ଯଦି ଏକ ମାସ ମଧ୍ୟରେ ଏଭଳି ସମ୍ବେଦନଶୀଳ ଅଭିଯୋଗ ପରେ ସମାଧାନ କରା ନଯାଏ ତେବେ କର୍ମଚାରୀମାନଙ୍କର କୁଷ୍ଠପୀଡ଼ିତ ପିତାମାତାମାନେ ମାନ୍ୟବର ମୁଖ୍ୟମନ୍ତ୍ରୀ, ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ୫-ଟି ସେକ୍ରେଟାରୀ ଏବଂ ମୁଖ୍ୟ ଶାସନ ସଚିବଙ୍କ ବାସଭବନରେ ଭେଟି ବିଭାଗର ଅବହେଳା ବିଷୟରେ ଅବଗତ କରାଇବା ସହିତ ଚାକିରିରେ ନିୟମିତ କରିବା ପାଇଁ ଅନୁରୋଧ କରିବେ। ଯଦି ୧ ମାସ ମଧ୍ୟରେ ଏହାର ସମାଧାନ କରା ନଯାଏ ତେବେ ସମସ୍ତ କର୍ମଚାରୀ ରାଜ୍ୟପାଳଙ୍କଠାରୁ ପାଇଥିବା ପୁରସ୍କାର ରାଜଭବନ ଏବଂ ସ୍ୱାସ୍ଥମନ୍ତ୍ରୀଙ୍କଠାରୁ ପାଇଥିବା ପୁରସ୍କାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଫେରାଇ ଦିଆଯିବ ଏବଂ ଶହଶହ କୁଷ୍ଠପୀଡ଼ିତ ଏବଂ କର୍ମଚାରୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସଂଘ ସୂତ୍ରରୁ ପ୍ରକାଶ।

# ଉତ୍କଳ ରତ୍ନ ବାରିଷ୍ଟର ବିଶ୍ୱନାଥ ମିଶ୍ର ଥିଲେ ବହୁମୁଖୀ ବ୍ୟକ୍ତିତ୍ୱର ଅଧିକାରୀ

ଭୁବନେଶ୍ୱର (ପିଏନ୍): ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଓ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ପ୍ରଥମ ଓଡ଼ିଆ ବାରିଷ୍ଟର ଉତ୍କଳ ରତ୍ନ ବିଶ୍ୱନାଥ ମିଶ୍ରଙ୍କ ୮୯ତମ ଶ୍ରାଦ୍ଧ ଦିବସ ସ୍ଥାନୀୟ ୟୁନିଟ୍-୮ସ୍ଥିତ ପ୍ରତିମୂର୍ତ୍ତି ସ୍ଥଳରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ମନ୍ତ୍ରୀ, ବିଧାୟକ ପ୍ରଫୁଲ୍ଲ ସାମଲ, ସଂଯୋଜକ ଓ ପରିଚାଳକ ଭାବେ ବରିଷ୍ଠ ସାମ୍ବାଦିକ, ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ସ୍ମୃତିଚାରଣ ପୂର୍ବକ ମତବ୍ୟକ୍ତ କରି କହିଥିଲେ ଯେ ଉତ୍କଳ ରତ୍ନ ବିଶ୍ୱନାଥ ମିଶ୍ର ଥିଲେ ଏକାଧାରରେ ମା, ମାଟି, ମାତୃଭାଷା ପାଇଁ ସମର୍ପିତ ତଥା ବିଶିଷ୍ଟ ଆଇନ ବିଶାରଦ। ଉତ୍କଳର ସ୍ୱାଧୀନତା ପାଇଁ ତାଙ୍କ ଭୂମିକା ସହିତ, କେନ୍ଦ୍ର ବ୍ୟବସ୍ଥାପକ ସଭାର ଜଣେ ସଭ୍ୟ ଭାବରେ ତାଙ୍କର ଭୂମିକା ଅବିସ୍ମରଣୀୟ। ଓଡ଼ିଶାର ବିଚ୍ଛିନ୍ନାଞ୍ଚଳକୁ ଏକତ୍ର କରିବାର ଉଦ୍ୟମ ବେଶ୍ ପ୍ରଶଂସନୀୟ ଥିଲା। ଆଜିର ଯୁବପିଢ଼ି ତାଙ୍କ ବିଷୟରେ ତଥା ମହାପୁରୁଷଙ୍କ ବିଷୟରେ ଜାଣିବା ଆବଶ୍ୟକ ବୋଲି ଅତିଥି ସମୂହ କହିଥିଲେ। ଏହି ଅବସରରେ ସାରସ୍ୱତ ପ୍ରତିଭାଦୀପ୍ତ ପ୍ରଫୁଲ୍ଲ ସାମଲଙ୍କୁ ଉତ୍କଳ ରତ୍ନ ବିଶ୍ୱନାଥ ମିଶ୍ର ସ୍ମୃତି ସମ୍ମାନ ୨୦୨୨ ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ସଂସ୍କୃତି ଅନୁସଚିବ ଲକ୍ଷ୍ମୀଧର ବେହେରା, ସ୍ୱର୍ଗତ ମିଶ୍ରଙ୍କ ଅଣନାତି ଡ. ସୂର୍ଯ୍ୟ ମିଶ୍ର, ଅରବିନ୍ଦ ତ୍ରିପାଠୀ, ଚିତ୍ତରଞ୍ଜନ ଦାସ, ରମେଶ ଚନ୍ଦ୍ର ପାତାଳ ସିଂ, ବିଜେଡି ସାଂସ୍କୃତିକ ସାମ୍ମୁଖ୍ୟ ସଂଯୋଜକ ପ୍ରବୀର ମହାନ୍ତି, ସଂଯୁକ୍ତା ପାଣିଗ୍ରାହୀ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ସୀତାଂଶୁ ଶେଖର ମହାରଣା, ବିଜୟୀ ପରିଡ଼ା, ମଦନ ମୋହନ ପାଢ଼ୀ, ସଞ୍ଜୟ ପରିଡ଼ା, ତନ୍ମୟ ସାମନ୍ତରାୟ, ନିରଞ୍ଜନ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ ସଂଯୋଜକ ବାପୁ ଓଝା କରିଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

# ବିଜୁଳି ଶୁଳ୍କ ହ୍ରାସ, ବିଜୁଳିକାଟ୍ ବନ୍ଦ ଓ କୃଷିକାର୍ଯ୍ୟରେ ୯୦ ପ୍ରତିଶତ ରିହାତି ବ୍ୟବସ୍ଥା କରାଯାଉ

ଭୁବନେଶ୍ୱର (ପିଏନ୍)- ଓଡ଼ିଶା ବିଦ୍ୟୁତ ଉତ୍ପାଦନରେ ଏକ ବଳକା ରାଜ୍ୟ। ତେଣୁ ବିଦ୍ୟୁତ ଶୁଳ୍କ ପଡ଼ୋଶୀ ରାଜ୍ୟଙ୍କଠାରୁ ଅଧିକ ରହିବା ଆଦୌ ଗ୍ରହଣୀୟ ନୁହେଁ। କିନ୍ତୁ ରାଜ୍ୟ ସରକାରଙ୍କ ଦୂରଦୃଷ୍ଟି ଅଭାବ ଓ କୁ-ପରିଚାଳନା ଯୋଗୁଁ ବିଦ୍ୟୁତ ଗ୍ରାହକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଲୋ-ଭୋଲଟେଜ୍ ଓ ବିଦ୍ୟୁତ କାଟ୍ ଅନ୍ୟ ଏକ ସମସ୍ୟା ସୃଷ୍ଟି କରୁଛି। ସରକାର ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ଯେଉଁ ଦିନଠାରୁ ଘରୋଇ କମ୍ପାନୀ ହାତକୁ ଟେକିଦେଲେ ସେହି ଦିନଠାରୁ ରାଜ୍ୟରେ ବିଜୁଳି ସମସ୍ୟା ଉତ୍କଟ ରୂପ ଧାରଣ କରିଛି ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କିଷାନ ସେଲ୍ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି। ଓଡ଼ିଶାରେ ବିଦ୍ୟୁତ ଶୁଳ୍କ ଘରୋଇ ଗ୍ରାହକଙ୍କଠାରୁ ୟୁନିଟ୍ ପିଚ୍ଛା ୫ ଟଙ୍କା ୨୨ ପଇସା ଆଦାୟ କରାଯାଉଛି। ଜାତୀୟ ହାର ହେଉଛି ୫ ଟଙ୍କା ୧୧ ପଇସା। ଦେଶର ୨୦ଟିରୁ ଅଧିକ ରାଜ୍ୟରେ ବିଦ୍ୟୁତ ଶୁଳ୍କ ଓଡ଼ିଶାଠାରୁ ଯଥେଷ୍ଟ କମ୍ ରହିଛି। ଏହି ରାଜ୍ୟଗୁଡ଼ିକ ମଧ୍ୟରେ ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ, ତେଲେଙ୍ଗାନା, ମଧ୍ୟପ୍ରଦେଶ, ଗୋଆ, ଛତିଶଗଡ଼, ଝାଡ଼ଖଣ୍ଡ, ବିହାର, ପଞ୍ଜାବ, ହରିଆଣା, ଅରୁଣାଞ୍ଚଳ ପ୍ରଦେଶ ପ୍ରଭୃତି ଅନ୍ତର୍ଭୁକ୍ତ। ତେବେ ଓଡ଼ିଶାର ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରେ ଦର ୪ ଟଙ୍କା ୫୬ ପଇସା, ତେଲେଙ୍ଗାନାରେ ୪ ଟଙ୍କା ୭୯ ପଇସା, ଛତିଶଗଡ଼ରେ ୩ ଟଙ୍କା ୭୭ ପଇସା, ଝାଡ଼ଖଣ୍ଡରେ ୩ ଟଙ୍କା ୪ ପଇସା, ବିହାରରେ ୪ ଟଙ୍କା ୫୨ ପଇସା ଓ ମଧ୍ୟ ପ୍ରଦେଶରେ ୩ ଟଙ୍କା ୬୪ ପଇସା। ତେଣୁ ରାଜ୍ୟ ସରକାର ସାଧାରଣ ବିଦ୍ୟୁତ ଉପଭୋକ୍ତାଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବିଜୁଳି ଶୁଳ୍କ ହ୍ରାସ କରିବା ସହିତ ନିୟମିତ ବିଦ୍ୟୁତ ଯୋଗାଣ ଏବଂ ଚାଷ କାର୍ଯ୍ୟ ପାଇଁ କୃଷକମାନଙ୍କୁ ୯୦ ପ୍ରତିଶତ ରିହାତିରେ ବିଦ୍ୟୁତ ଯୋଗାଇଦିଅନ୍ତୁ ବୋଲି କିଷାନ କଂଗ୍ରେସ ପକ୍ଷରୁ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ରାଜ୍ୟ ସରକାରଙ୍କ ପାଖରେ ଦୃଢ଼ ଦାବୀ କରିଛନ୍ତି।

# ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଦାତବ୍ୟ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ

ଯାଜପୁର (ପିଏନ୍): ଦଶରଥପୁର ବ୍ଲକ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିରୁହାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଯାଜପୁରର ଅଗ୍ରଣୀ ସାଂସ୍କୃତିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ଓ ଭୁବନେଶ୍ୱର ସ୍ଥିତ ଅହଲ୍ୟା ହସ୍‌ପିଟାଲ ମିଳିତ ଆନୁକୂଲ୍ୟରେ ଦାତବ୍ୟ ଚକ୍ଷୁ ପରୀକ୍ଷା ଶିବିର ଓ ମୋତିଆ ବିନ୍ଦୁ ଚିହ୍ନଟ କରଣ ଏବଂ ଦାତବ୍ୟରେ ଚଷମା ପରୀକ୍ଷା ଅନୁଷ୍ଠିତ ହୋଇଯାଇଅଛି। ୧୩ ଜଣ ମୋତିଆ ବିନ୍ଦୁ ଚିହ୍ନଟକରଣ ହୋଇ ଭୁବନେଶ୍ୱରର ଅହଲ୍ୟା ହସ୍‌ପିଟାଲକୁ ଅସ୍ତ୍ରୋପଚାର ନିମନ୍ତେ ପଠାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୱେଷଣର ସଭାପତି ବୃନ୍ଦାବନ ମିଶ୍ରଙ୍କ ସଭାପତିତ୍ୱରେ ଅତିଥିରୂପେ ଦଶରଥପୁର ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ତଥା ନନ୍ଦିପୁର ଗ୍ରାମ ସେବାସମବାୟ ସମିତିର ସଭାପତି ବିଷ୍ଣୁ ଚରଣ ମହାପାତ୍ର, ବିରୁହାଁ ଗ୍ରାମପଞ୍ଚାୟତର ସରପଞ୍ଚ ତଥା ଅନ୍ୱେଷଣ ଥିଏଟର ଗ୍ରୁପର ଉପସଭାପତି ସୁବାସ ଚନ୍ଦ୍ର ଦେବତା, ଉତ୍କଳ ସାମ୍ବାଦିକ ସଂଘର ଯାଜପୁର ଜିଲ୍ଲା ସଭାପତି ତଥା ଅନ୍ୱେଷଣର ଉପଦେଷ୍ଟା ହରିହର ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଲୋକମାନଙ୍କୁ ମାଗଣା ଚକ୍ଷୁ ପରୀକ୍ଷା କରିବା ସହିତ ଆବଶ୍ୟକ ଚଷମା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ଉପସଭାପତି ଉପେନ୍ଦ୍ର କୁମାର ଜେନା, କୋର କମିଟିର ଅଧ୍ୟକ୍ଷ ଏସ୍‌କେ ସାଜିଦ୍ (ଚନ୍ଦ ବାବୁ), ସାମ୍ବାଦିକ ସନ୍ତୋଷ ମିଶ୍ର, ତାରାକାନ୍ତ ମଲ୍ଲିକ, ସମରଜିତ୍ ମହାନ୍ତି, ସୁରଜ କୁମାର ପଣ୍ଡା, ଗୋପାଳ ଚନ୍ଦ୍ର ବେହେରା, ଗୌତମ ବିକାଶ ମହାନ୍ତି, ଭରତ ଚନ୍ଦ୍ର ବେହେରା, ରଂଜନ କୁମାର ବେହେରା, ବିରଞ୍ଚିବାସୁଦେବ ନନ୍ଦ, ଅଚ୍ୟୁତାନନ୍ଦ ସ୍ୱାଇଁ, ଜ୍ୟୋତି ରଂଜନ ପୁହାଣ, ମାମାଲି ସାହୁ, ତପସ୍ୱିନୀ ମଲ୍ଲିକ, ବର୍ଷାପ୍ରିୟଦର୍ଶିନୀ ଖୁଣ୍ଟିଆ, ସବିତା ରାଣି ମିଶ୍ର, ପ୍ରତ୍ୟୁଷ ମହାନ୍ତି, ସୁକାନ୍ତ ରାଉତ, ନିରଂଜନ ରାଉତ, ଆଦିକନ୍ଦ ପଣ୍ଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏବଂ ବିରୁହାଁ ପଞ୍ଚାୟତ ବିଶିଷ୍ଟ ସମାଜସେବୀ ସୁଦାମ ଚରଣ ପଣ୍ଡା, ସମିତି ସଭ୍ୟ ଲକ୍ଷ୍ମୀଧର ସାମଲ, ରମେଶ ଚନ୍ଦ୍ର ମଲ୍ଲିକ (ଜଡା), ଦେବେନ୍ଦ୍ର କର, ଦେବେନ୍ଦ୍ର ଦାସ, ନାଏବ ସରପଞ୍ଚ ପ୍ରଦ୍ୟୁମ୍ନ ରାଉତ, ରାଜେନ୍ଦ୍ର ମଲ୍ଲିକ, ଅରବିନ୍ଦ ସୁନ୍ଦର ସାହୁ, ଅଭୟ କୁମାର ଧଳ, ନିରଂଜନ ରାଉତ, ଉମେଶ ମହାନ୍ତି, ଜଗବନ୍ଧୁ ଜେନା, ଜିତେନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ଅଭିମନ୍ୟୁ ମିଶ୍ର ପରିଚାଳନା କରିଥିଲେ ଏବଂ ଆଗାମୀ ଦିନରେ ସମାଜରେ ସେବା କାର୍ଯ୍ୟ ଜାରି ରହିବ ବୋଲି ସମ୍ପାଦକ ପ୍ରକାଶ କରିଥିଲେ।

# ପିଲାଙ୍କ ଯକ୍ଷ୍ମାରୋଗ

ଟ୍ୟୁବରକ୍ଲୋସିସ୍ ବା ଯକ୍ଷ୍ମା ରୋଗରେ ପ୍ରତିବର୍ଷ ପ୍ରାୟ ୯ଲକ୍ଷ ନୂଆ ରୋଗୀ ଚିହ୍ନଟ ହେଉଛନ୍ତି ଯେଉଁମାନଙ୍କ ଭିତରୁ ପ୍ରାୟ ୧୫ଲକ୍ଷ ମୃତ୍ୟୁମୁଖରେ ପଡୁଛନ୍ତି। ପାଞ୍ଚବର୍ଷରୁ କମ୍ ବୟସର ପିଲାମାନଙ୍କ ଠାରେ ଶତକଡ଼ା ୨.୮ଭାଗ ଏହି ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥାନ୍ତି। ସାଧାରଣତଃ ବଡ଼ଲୋକ ମାନଙ୍କ କାଶ ଦ୍ୱାରା ଜୀବାଣୁ ବାୟୁମଣ୍ଡଳକୁ ଆସିବା ଦ୍ୱାରା ପିଲାମାନେ ଏହାର ସହଜ ଶିକାର ହୋଇଥାନ୍ତି। ପିଲାମାନଙ୍କର ଜୀବାଣୁ ପ୍ରବେଶର ମାଧ୍ୟମ ହେଉଛି ଶ୍ୱାସପଥ। ସେହିପରି ଗର୍ଭାବସ୍ଥାରେ ଗର୍ଭଫୁଲ ମାଧ୍ୟମରେ ଏହାର ସଂସ୍ପର୍ଶ ଶିଶୁର ଶରୀରରେ ସଞ୍ଚରିତ ହେଲେ ପିଲାକୁ ଜନ୍ମଗତ ଯକ୍ଷ୍ମା ରୋଗ ହୋଇପାରେ ଯାହାକି ଅତି ବିରଳ। ଅନେକ ପିଲାଙ୍କର ଏହି ରୋଗର ଜୀବାଣୁ ଦ୍ୱାରା ସଂକ୍ରମଣ ଥିଲେ ମଧ୍ୟ ରୋଗ କିମ୍ବା ରୋଗର ଲକ୍ଷଣ ଦେଖାଯାଇନଥାଏ। ପିଲାଟିର ପ୍ରାଥମିକ ସଂକ୍ରମଣ ଫୁସ୍‌ଫୁସ୍‌ରେ ଦେଖାଦେଇଥାଏ। ତା'ପରେ ଲସିକାବାହିନୀର ପ୍ରଦାହ ହୋଇ ଫୁସ୍‌ଫୁସ୍‌ର ସେହି ଅଂଶର ଲସିକା ଗ୍ରନ୍ଥିର ବୃଦ୍ଧି ହୋଇଥାଏ। ପିଲାଟି ୩-୪ ବର୍ଷ ବୟସ ହୋଇଥିଲେ ତାର ପ୍ରତିରୋଧକ ଶକ୍ତି କମ୍ ଥିବାରୁ ଏହି ରୋଗର ସମ୍ଭାବନା ଅଧିକ। ଦୀର୍ଘଦିନ ଧରି ଜ୍ୱର ହେବା, ପିଲାର ଓଜନ କମିଯିବା ହେଉଛି ଯକ୍ଷ୍ମାରୋଗ ପ୍ରଧାନ ଲକ୍ଷଣ। କେତେକ କ୍ଷେତ୍ରରେ ପିଲାମାନଙ୍କର ଟନ୍‌ସିଲ, ଚର୍ମ ଓ ଅନ୍ତଃନାଳୀରେ ମଧ୍ୟ ପ୍ରାଥମିକ ସଂକ୍ରମଣ ହୋଇପାରେ। ପିଲାମାନଙ୍କ ଠାରେ ଏଣ୍ଡୋବ୍ରୋଙ୍କିଏଲ ଯକ୍ଷ୍ମା ରୋଗ ଅଧିକ ମାତ୍ରାରେ ଦେଖାଯାଏ। ସେହିପରି ପିଲାମାନଙ୍କର ଫୁସ୍‌ଫୁସ, ମସ୍ତିଷ୍କ, ଯକୃତ, ଅସ୍ଥି, ଗଣ୍ଠି, ବୃକକ୍‌ରେ ମଧ୍ୟ ଯକ୍ଷ୍ମା ରୋଗର ସଂକ୍ରମଣ ଦେଖାଯାଏ। ତେବେ ଶତକଡ଼ା ୪୧ ଭାଗ କେବଳ ଛାତି ଭିତରେ ହିଁ ପିଲାମାନଙ୍କୁ ଯକ୍ଷ୍ମାର ଯନ୍ତ୍ରଣା ଦେଇଥାଏ। ଶିଶୁ ବା ପିଲାମାନଙ୍କର ପ୍ରାଥମିକ ଲକ୍ଷଣ ଦେଖା ଦେଇନଥିଲେ ବି ଲହରା କାଶ କିମ୍ବା ମିଳିମିଳା ରୋଗ ହେଲେ ଏହି ରୋଗର ଲକ୍ଷଣ ଜଣାପଡ଼ିଥାଏ। ଯେଉଁ ପିଲାମାନଙ୍କର ଫୁସ୍‌ଫୁସ୍ ସମ୍ବନ୍ଧୀୟ ଯକ୍ଷ୍ମାରୋଗ ଦେଖାଦେଇଥାଏ ସେମାନେ ପ୍ରାଥମିକ ସ୍ତରରୁ ଚିକିତ୍ସା କଲେ ପିଲାଟି ବଡ଼ ହେଲାବେଳକୁ ଏହା ଆରୋଗ୍ୟ ସାଧ ହୋଇଥାଏ। କେତେକ ପିଲାଙ୍କର କାଶ ଦେଖାଯାଇ ସେମାନଙ୍କର ପ୍ଲିହା ବୃଦ୍ଧି ହୋଇଥାଏ। ସାଧାରଣ ଡାକ୍ତରଙ୍କ ଷ୍ଟେଥସ୍କୋପ ଦ୍ୱାରା ଫୁସ୍‌ଫୁସର କିଛି ଶବ୍ଦ ଶୁଣାଯାଇନଥିଲେ ବି ଏକ ପ୍ରକାର ଶବ୍ଦ ଚିକିତ୍ସକ ଜାଣିପାରନ୍ତି ଯାହାକି ଛାତି ଏକ୍ସରେ ଦ୍ୱାରା ଜଣାପଡ଼େ। ଏପରି ରୋଗରେ ପିଲାଟିର ଟ୍ୟୁବାରକୁଲିନ୍ ଟେଷ୍ଟ ଦରକାର ପଡ଼ିଥାଏ। କିଛି ପିଲାମାନଙ୍କ ପେଟରେ ଜଳ ଜମି ଯିବା ଯୋଗୁଁ ପେଟ ବ୍ୟଥା ହେବା ସହ ଶରୀରର ବୃଦ୍ଧି ହୁଏନାହିଁ ଓ ଦୀର୍ଘଦିନ ଧରି ତରଳ ଝାଡ଼ା ହୋଇଥାଏ। ଏହା ପିଲାମାନଙ୍କର ଆବଡୋମିନାଲ ଟ୍ୟୁବରକ୍ଲୋସିସ୍। ଫୁସ୍‌ଫୁସ୍‌ରୁ ରକ୍ତ ଦ୍ୱାରା ଜୀବାଣୁ ପ୍ରଭାବିତ ହୋଇ ପିଲାମାନଙ୍କର ଅସ୍ଥି ଓ ଗଣ୍ଠିରେ ଏହି ରୋଗ ଦେଖାଦେଇ ପିଲାଟିର ମେରୁଦଣ୍ଡ ଅସ୍ଥି, ହିପ୍ ଜଏଣ୍ଟ, ନି ଜଏଣ୍ଟ ଏବଂ ସ୍ଥଳବିଶେଷରେ ହାତ ଓ ଗୋଡ଼ ଆଙ୍ଗୁଠିରେ ମଧ୍ୟ ଦେଖାଯାଇଥାଏ। ଚଳିତ ବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ଯକ୍ଷ୍ମା ଦିବସର ବାର୍ତ୍ତା ରଖିଛି - 'ଏକାଠି ହେବା ଟିବି ଦୂରେଇ ଦେବା'। ସାଧାରଣତଃ ମାଇକ୍ରୋ ବ୍ୟାକ୍ଟୋରିନ୍ ଟ୍ୟୁବରକ୍ଲୋସିସ୍ ନାମକ ବ୍ୟାକ୍ଟୋରିଆ ସଂକ୍ରମଣ ହୋଇ ଶରୀର ଭିତରକୁ ଗଲେ ଟିବି ରୋଗ ଦେଖାଯାଏ। ପିଲାମାନଙ୍କ ଠାରେ ଦୁଇ ପ୍ରକାର ଟ୍ୟୁବରକ୍ଲୋସିସ୍ ରୋଗ ଦେଖାଯାଏ। ଗୋଟିଏ ହେଉଛି ଫୁସ୍‌ଫୁସ୍ ଜନିତ ଅନ୍ୟଟି ହେଉଛି ଫୁସ୍‌ଫୁସ୍ ବାହାରେ ଯଥା ପିଲାମାନଙ୍କ ମେରୁଦଣ୍ଡ ହାଡ଼, ଆଖି, କାନ, ତଣ୍ଟି, ମସ୍ତିଷ୍କ, ପେଟ ପ୍ରମୁଖ। ପିଲାମାନଙ୍କର ଟ୍ୟୁବରକ୍ଲୋସିସ୍‌ର ପ୍ରାଥମିକ ଲକ୍ଷଣ ହେଉଛି ପିଲାଟି ସଂଧ୍ୟା ବେଳେ ଜ୍ୱର ଅନୁଭବ କରେ ଯାହାକି ବହୁତ ଦିନ ଧରି ରହେ। ତାକୁ ଥଣ୍ଡା ଲାଗେ, ଭୋକ ସେପରି ହୁଏନା। ଓଜନ କମିଆସେ, କାଶ ହୁଏ ଆଉ କାଶରେ କଫ ପଡ଼େ। କେତେକ କ୍ଷେତ୍ରରେ କଫରେ ରକ୍ତର ଅଂଶ ରହେ। ପିଲାଟିକୁ ଦୁର୍ବଳ ଓ ହାଲିଆ ଲାଗେ। ପିଲାମାନଙ୍କୁ ଯକ୍ଷ୍ମାର ପ୍ରମୁଖ କାରଣ ହେଉଛି ଉଚ୍ଚ ପୌଷ୍ଟିକଯୁକ୍ତ ଖାଦ୍ୟ କମ୍ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି କମ୍ ଥାଏ। ଯକ୍ଷ୍ମା ରୋଗୀ ସଂସ୍ପର୍ଶ ଠାରୁ ପିଲାଟିକୁ ଦୂରେଇ ନଆଣିବା। ବୟସ୍କ ଲୋକମାନଙ୍କ ଅପେକ୍ଷା ପିଲାମାନଙ୍କର ଯକ୍ଷ୍ମାର ଯନ୍ତ୍ରଣା କଷ୍ଟସାଧ। ପିଲାଟିର ଯକ୍ଷ୍ମା ଚିହ୍ନଟ ହେଲେ କଫ ପରୀକ୍ଷା ସହ ଛାତିର ଏକ୍ସରେ କରାନ୍ତୁ। ପରେ ଦରକାର ପଡ଼ିଲେ ରକ୍ତ ପରୀକ୍ଷା କରନ୍ତୁ। ରାଜ୍ୟ ସରକାର କେବଳ ରାଜ୍ୟର ବଡ଼ ମେଡ଼ିକାଲ ବା ଶିଶୁଭବନ ନୁହେଁ ସମସ୍ତ ଜିଲ୍ଲାସ୍ତରୀୟ ଡାକ୍ତରଖାନା ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷକରି ଯକ୍ଷ୍ମା ରୋଗ ପାଇଁ ଯଥେଷ୍ଟ ପରିମାଣର ମାଗଣା ଔଷଧ ଓ ବିନା ମୂଲ୍ୟରେ ସମସ୍ତ ପରୀକ୍ଷା ନିରୀକ୍ଷାର ବ୍ୟବସ୍ଥା କରିଛନ୍ତି। କେବଳ ସେତିକି ନୁହେଁ ଶିଶୁରୋଗ ବିଶେଷଜ୍ଞ, ଶିଶୁପୁଲ୍‌ମୋନାରୀ ମେଡ଼ିସିନ୍ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଡିଓଟି ବା ଡାଇରେକ୍ଟଲି ଅବଜରଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ କେମୋଥେରାପି ବା ଯାହାକୁ ସାଧାରଣରେ ଡଟ୍‌ସ ଚିକିତ୍ସା କୁହାଯାଏ। ପିଲାଟିକୁ ଏହାର ସୁଯୋଗ ଦିଅନ୍ତୁ। ଧୈର୍ଯ୍ୟଧରି ପିଲାଟିର ଚିକିତ୍ସା ବ୍ୟବସ୍ଥା କରାନ୍ତୁ। କୌଣସି କ୍ଷେତ୍ରରେ ଡଟସ୍‌ର ଛଅମାସ ଅବଧି ଭିତରେ ପିଲାଟିର ଚିକିତ୍ସା ହେଳା କରନ୍ତୁ ନାହିଁ। ଯକ୍ଷ୍ମା ଯେହେତୁ ଏକ ସଂକ୍ରାମକ ରୋଗ ତେଣୁ ପିଲାଟିର କାଶ ଓ ଛିଙ୍କ ବେଳେ ତାକୁ କପଡ଼ାର ବ୍ୟବହାର ଶିଖାନ୍ତୁ। ପିଲାର ବିଛଣା ଓ ଲୁଗାପଟା ସଫା ରଖନ୍ତୁ ଓ ଉତ୍ତମ ଓ ମୁକ୍ତ ପବନ ଚଳାଚଳ କରୁଥିବା ଘରେ ରହିବାକୁ ଦିଅନ୍ତୁ। ପିଲାଟିକୁ ମାନସିକ ଭାବେ ଧୈର୍ଯ୍ୟ ଦିଅନ୍ତୁ ଓ ଯଥେଷ୍ଟ ପରିମାଣର ସୁଷମ ଓ ପୌଷ୍ଟିକ ଖାଦ୍ୟ ପିଲାଟିକୁ ଦିଅନ୍ତୁ। କୌଣସି ପରିସ୍ଥିତିରେ ଗାଁ ଗଣ୍ଡାର କାହା କଥା ଶୁଣି ତୁଟୁକା ଚିକିତ୍ସା ଗ୍ରହଣ କରନ୍ତୁ ନାହିଁ ବା ଗୁଣି ଗାରେଡ଼ି ବିଶ୍ୱାସ ନିଅନ୍ତୁ ନାହିଁ। ପିଲାଟିର ମୂଲ୍ୟବାନ ଜୀବନ ଏମାନଙ୍କ ହାତରେ ଛାଡ଼ି ଦିଅନ୍ତୁ ନାହିଁ। ବିଶ୍ୱରେ ଅଧିକ ସଂଖ୍ୟଙ୍କ ପିଲା ଏହି ଟିବି ରୋଗର ସହଜ ଆକ୍ରାନ୍ତ ହେଉଥିଲେବି ଭାରତ ପରି ବିକାଶଶୀଳ ଦେଶରେ କେବଳ ବିଶ୍ୱରେ ଯେଉଁଠି ବର୍ଷକୁ ୯୦ଲକ୍ଷ ଟିବି ରୋଗୀ ରହିଛନ୍ତି ସେଥିରୁ ଭାରତରେ ୨୩ଲକ୍ଷ। ଆସନ୍ତୁ ଆଜି ବିଶ୍ୱ ଟ୍ୟୁବରକ୍ଲୋସିସ୍ ଦିବସ ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବାର୍ତ୍ତା ସହ ଏକମତ ହୋଇ ଏହାକୁ ଦୂରେଇବା ପାଇଁ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବା।

# ପୁଲିସ ପକ୍ଷରୁ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ଫୁଲନଖରା (ପିଏନ୍)-ସଦର ଥାନା ଓ ବୟାଳିଶମୌଜା ଥାନା ପକ୍ଷରୁ ଦୁର୍ଗା ପୂଜା ପରିଚାଳନା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ପ୍ରତାପନଗରୀ ସ୍ଥିତ ଧାକୁଲେଇ ପୀଠରେ ଗତ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଡିସିପି ପିନାକୀ ମିଶ୍ର, ଟ୍ରାଫିକ ଡିସିପି ଆଶୁତୋଷ ମିଶ୍ର, ଏସିପି ଚନ୍ଦନ ଘଡ଼େଇ, ସଦର ଆଇଆଇସି ରଶ୍ମିରଂଜନ ମହାପାତ୍ର, ବୟାଳିଶମୌଜା ଆଇଆଇସି ଗିରୀଶ ମହାରଣା, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରି ଦାସ, କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ, କର୍ପୋରେଟର ଜନାର୍ଦ୍ଦନ ପରିଡ଼ା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ପାର୍ବଣ ସମୟରେ ଡିଜେ ବ୍ୟବହାର ନକରିବା ଓ ସମ୍ପୂର୍ଣ୍ଣ ନିଶାମୁକ୍ତ ପର୍ବ ପାଳନ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ରାତି ୧୦ଟା ପୂର୍ବରୁ ଭସାଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଶେଷ କରିବାକୁ ସମସ୍ତ ପୂଜା କମିଟିକୁ କୁହାଯାଇଥିଲା ଏବଂ ଏହାର ଉଲ୍ଲଙ୍ଘନ ହେଲେ କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର କୌଶିକ ଜେନା, ବିକ୍ରମ ଶତପଥି, ଲିଙ୍ଗରାଜ ମହାନ୍ତି, ରାଜେଶ କୁମାର ସ୍ୱାଇଁ, ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର, ସାମ୍ବାଦିକ ଲଳିତ କୁମାର ଦାଶ, ବିନୋଦ ବେହେରା, ପ୍ରକାଶ କୁମାର ନାୟକ, ରମେଶଚନ୍ଦ୍ର ପ୍ରଧାନ, ପ୍ରମୋଦ ଓଝା, ପ୍ରମୋଦ ବେହେରା, ନଳୀନ ସେନାପତି ପ୍ରମୁଖ ଉପସ୍ଥିତ ରହି ପୂଜାକୁ ଶୃଙ୍ଖଳିତ ଭାବରେ ସମ୍ପନ୍ନ କରିବା ନେଇ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଉକ୍ତ ବୈଠକରେ ସଦର ଥାନା ଏବଂ ବୟାଳିଶମୌଜା ଥାନା ଅନ୍ତର୍ଗତ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା ଓ ମୁରବିମାନେ ଯୋଗଦେଇଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# କଂଗ୍ରେସ ଛାଡି ପଦ୍ମ ଧରିଲେ ପୂର୍ବତନ ଅନ୍ତର୍ଜାତୀୟ ହକି ଖେଳାଳି ପ୍ରବୋଧ ତିର୍କୀ



ଭୁବନେଶ୍ୱର(ପି.ଏନ): କଂଗ୍ରେସରୁ ଇସ୍ତଫା ଦେବାପରେ ପୂର୍ବତନ ଅନ୍ତର୍ଜାତୀୟ ହକି ଖେଳାଳି ପ୍ରବୋଧ ତିର୍କୀ ବିଜେପିରେ ମିଶିଛନ୍ତି। ଟିକେଟ୍ କାଟିବା ପରେ ନିକଟରେ ଭାରତୀୟ ହକି ଟିମ୍‌ର ପୂର୍ବତନ ଅଧିନାୟକ ଶ୍ରୀ ତିର୍କୀ କଂଗ୍ରେସରୁ ଇସ୍ତଫା ଦେଇଥିଲେ। ସୁନ୍ଦରଗଡ ଜିଲ୍ଲା ତଳସରା ବିଧାନସଭା ଆସନ ପାଇଁ ପ୍ରଥମେ କଂଗ୍ରେସ ତାଙ୍କୁ ଟିକେଟ୍ ଦେଇଥିଲା କିନ୍ତୁ ପରେ ତାଙ୍କ ଟିକେଟ୍ କାଟିଦେଲା ଏବଂ ପ୍ରାର୍ଥୀ ବଦଳାଇ ଥିଲା।

# ଧର୍ମଶାଳାରେ ବଢୁଛି ମାଙ୍କଡ଼ା ପଥର ଚୋରା ବେପାର

ଧର୍ମଶାଳା, ୨୫।୪(ପିଏନ୍): ଧର୍ମଶାଳା ତହସିଲ ଅଂଚଳରେ ବଢୁଛି ମାଙ୍କଡ଼ା ପଥର ଚୋରା ବେପାର । ପୂର୍ବରୁ ଲୁଚାଛପାରେ ମାଙ୍କଡ଼ା ପଥର ବେପାର ହେଉଥିଲା । ଏବେ ଦିନ ଦ୍ୱିପ୍ରହରରେ ଖୁଲମଖୁଲା ଏହି ବେଆଇନ କାରବାର ହେଉଛି । ମାଙ୍କଡ଼ା ପଥର ଚାଲାଣ ପାଇଁ ପ୍ରଶାସନ ପକ୍ଷରୁ କଟକଣା ରହିଥିବା ବେଳେ କିଛି ଅସାଧୁ ବେପାରୀ ବିଭିନ୍ନ ସ୍ଥାନରୁ ଚୋରାରେ ମାଙ୍କଡ଼ା ପଥର ଆଣି ବେପାର କରୁଛନ୍ତି । ଫଳରେ ରାଜ୍ୟ ସରକାରଙ୍କର ବିପୁଳ ରାଜସ୍ୱହାନୀ ହେଉଛି । ପ୍ରକାଶ ଯେ, ଧର୍ମଶାଳାର କୌଣସି ସ୍ଥାନରେ ମାଙ୍କଡ଼ା ପଥର ଖନନ ପାଇଁ ପ୍ରଶାସନିକ ଅନୁମତି ନଥିବା ବେଳେ ପଡ଼ୋଶୀ ବ୍ଲକ୍ ଓ ଜିଲ୍ଲାରୁ ପଥର ଚୋରା ଚାଲାଣ କରାଯାଉଛି । ପୂର୍ବରୁ ଧର୍ମଶାଳା ଅଂଚଳରେ ମାଙ୍କଡ଼ା ପଥରରେ କୋଠାଘର ହେଉଥିବା ବେଳେ ଏବେ ଆବଶ୍ୟକ ପରିମାଣର ପଥର ମିଳୁନଥିବାରୁ କେତେକ ଖାଲୁଆ ସ୍ଥାନରେ ଘର ମୂଳଦୁଆ କିମ୍ବା ପାଚେରୀ ନିର୍ମାଣ କରାଯାଉଛି । ମାଟି, ସିମେଣ୍ଟ ଓ ପାଉଁଶ ଇଟାର ବହୁଳ ବ୍ୟବହାର ସତ୍ୱେ ଏବେ ବି ମାଙ୍କଡ଼ା ପଥରର ଚାହିଦା ରହିଛି । ୨୫ବର୍ଷ ପୂର୍ବେ ମାଫିଆମାନେ ଦେଉଳିପାଳ, ଦେଉଳି, କୁମାରୀ, ଜାମୁବଣିଆ, ନୂଆଗାଁ ଆଦି ପାହାଡ଼ିଆ ଅଂଚଳରୁ ଲକ୍ଷ ଲକ୍ଷ ଟ୍ରିପ୍ ମାଙ୍କଡ଼ା ପଥର ଖୋଳିତାଡ଼ି ନେଇଛନ୍ତି । କେତେକ ସ୍ଥାନରୁ ବୌଦ୍ଧ କିର୍ତିରାଜି ଆବିଷ୍କୃତ ହେବାପରେ ମାଙ୍କଡ଼ା ପଥର ଓ ମୋରମ୍ ଖନନକୁ ନିଷିଦ୍ଧ କରାଯାଇଛି । ଏହାସତ୍ୱେ ଆଉ କିଛି ସ୍ଥାନରେ ଏବେବି ଚୋରାରେ ମାଙ୍କଡ଼ା ପଥର ଲୁଟ୍ ହେଉଥିବା ଅଭିଯୋଗ ହୋଇଛି । ଏପଟେ ଜାରକା ଅଂଚଳରେ ଜମିର ଅହେତୁକ ମୂଲ୍ୟ ବୃଦ୍ଧି ଘଟିଥିବା ବେଳେ ବିଭିନ୍ନ ଉନ୍ନୟନମୂଳକ କାମ ପାଇଁ ସରକାରୀ ଜମିର ସଂକଟ ସୃଷ୍ଟି ହୋଇଛି । ଏଥିପାଇଁ ମାଙ୍କଡ଼ା ପଥର ଖନନ ପରେ ହୋଇଥିବା ବିରାଟ ଖାଲଗୁଡ଼ିକୁ ସରକାରୀ ଅର୍ଥରେ କେଉଁଠି ପୋତା ଗଲାଣି ତ' ଆଉ କେଉଁଠି ପୋତିବା ପାଇଁ ଉଦ୍ୟମ କରାଯାଉଛି । ମାଫିଆମାନେ ପଥର ଚୋରି କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କଲେ । ଏବେ ବିପୁଳ ସରକାରୀ ଅର୍ଥ ଖର୍ଚ୍ଚ କରାଯାଇ ପଥର ଖାଦାନ ପାଇଁ ହୋଇଥିବା ବିରାଟ ବିରାଟ ଖାଲକୁ ପୋତାଯାଉଛି । ପ୍ରଶାସନିକ ଅଧିକାରୀଙ୍କ ଅପାରଗତା ପାଇଁ ବିପୁଳ ରାଜସ୍ୱହାନୀ ହୋଇଥିବା ବେଳେ ଏବେ ସରକାରୀ ଅର୍ଥ ଖର୍ଚ୍ଚ କରାଯାଇ ପଥର ଖାଦାନ ଖାଲକୁ ପୋତାଯିବ । ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ କୌତୁହଳ ସୃଷ୍ଟି ହୋଇଛି । ଜାରକା ଅଂଚଳରୁ ମାଙ୍କଡ଼ା ପଥର ଉତୋଳନ ବନ୍ଦ ହୋଇଗଲା ପରେ ବେପାରୀମାନେ ପଡ଼ୋଶୀ ଢ଼େଙ୍କାନାଳ ଜିଲ୍ଲା ଏବଂ ଦର୍ପଣ ତହସିଲ ଅଂଚଳରୁ ଚୋରାରେ ପଥର ଆଣି ବେପାର କରୁଛନ୍ତି । ଏଥପାଇଁ ସେମାନେ ବହୁ ପୁରୁଣା ଟ୍ରକ୍ ବ୍ୟବହାର କରୁଛନ୍ତି । ଯାହାର ଇନସୁରାନ୍ସ କିମ୍ବା ଫିଟ୍‌ନେସ୍ ମଧ୍ୟ ନଥିବା ଜଣାପଡ଼ିଛି । ଧରାପଡ଼ିଲେ ଟ୍ରକ୍ ଚାଲିଯିବାର ଭୟ ବି ନାହିଁ । ବିଶେଷ କରି ଏମାନେ ମୁଖ୍ୟ ରାସ୍ତାରେ ନଯାଇ ଗ୍ରାମାଂଚଳ ରାସ୍ତାରେ ଯାତାୟତ କରୁଛନ୍ତି । ଫଳରେ ଭାରୀଯାନ ଚଳପ୍ରଚଳ କରୁଥିବାରୁ ଦୁର୍ବଳ ରାସ୍ତା ଭାଙ୍ଗିରୁଜି ଯାଉଛି । ଏନେଇ ଲଘୁଖଣିଜ ବିଭାଗ, ତହସିଲ ପ୍ରଶାସନ ଓ ପୁଲିସ୍ ଅବଗତ ଥିଲେ ମଧ୍ୟ ମାଙ୍କଡ଼ା ପଥର ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କାହିଁକି ସାହସ ଜୁଟାଇ ପାରୁନାହାଁନ୍ତି, ଏହାକୁ ନେଇ ସାଧାରଣରେ ନାନା ସନ୍ଦେହ ସୃଷ୍ଟି ହୋଇଛି ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜନ୍ମେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି ।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଲ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଲ ସହାୟତାରେ ଏକ ନୁତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱୀନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।




2024-2025

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
୨୬ ବର୍ଷରେ
Bhubaneswar Friday April 26, 2024 ଭୁବନେଶ୍ୱର ଶୁକ୍ରବାର, ଅପ୍ରେଲ ୨୬,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଟିକେଟ ପାଇବା ପରେ କାକଟପୁରରେ ତୁଷାରଙ୍କ ଶକ୍ତି ପ୍ରଦର୍ଶନ

କାକଟପୁର,(ପି.ଏନ):ନିର୍ବାଚ଼ନୀ ଋତୁ ପାଖେଇ ଆସୁଥିବାବେଳେ ଜଗତସିଂହପୁର ସଂସଦୀୟ କ୍ଷେତ୍ରର କାକଟପୁର ବିଧାନସଭା ନିର୍ବାଚ଼ନ ମଣ୍ଡଳୀ ରେ କ୍ରୀଡା, ଯୁବାବ୍ୟାପାର ଓ ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା ବିଜେଡି ପକ୍ଷରୁ ଟିକେଟ ପାଇବା ପରେ ଆଳୁଦଣ୍ଡାପାଟଣା ଠାରୁ ଅସ୍ତରଙ୍ଗ ପର୍ଯ୍ୟନ୍ତ ହଜାର ହଜାର ସମର୍ଥକଙ୍କ ସହିତ ଶକ୍ତିପ୍ରଦର୍ଶନ କରିଛନ୍ତି କ୍ଷ ଜଗତସିଂହପୁର ଲୋକସଭା ଆସନର ପ୍ରାର୍ଥୀନୀ ରାଜଶ୍ରୀ ମଲ୍ଲିକ, ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, କାକଟପୁର ବ୍ଲକ ସଭାପତି ପ୍ରାଣକୃଷ୍ଣ ମଲ୍ଲିକ, ପୁରୀ ଜିଲ୍ଲା ଯୁବ ବିଜେଡି ଉପସଭାପତି ତଥା ଯୁବନେତା ବିଶ୍ୱଜିତ ଦାଶ, ଯୁବନେତା ଶିବଚ଼ରଣ ପାତ୍ର, ଦୀପକ ଶତପଥୀଙ୍କ ସମେତ ହଜାର ହଜାର କର୍ମୀ ବିଜୁ ଜନତା ଦଳ ଓ ତୁଷାରକାନ୍ତିଙ୍କ



ସପକ୍ଷରେ ନାରା ଦେଇ ବଜାର ପରିକ୍ରମା କରିବା ସହିତ ମା ମଙ୍ଗଳା ଙ୍କ ମନ୍ଦିର କୁ ଯାଇ ମା ଙ୍କ ଆଶିଷ ଭିକ୍ଷା କରିଥିଲେ କ୍ଷ ନିର୍ବାଚ଼ନ ମଣ୍ଡଳୀ ରେ ବିଜେଡି ପାଇଁ ଚ଼ଳିତ ନିର୍ବାଚ଼ନରେ ବିଦ୍‌ରୋହୀ ପାର୍ଥୀ ସୁରେନ୍ଦ୍ର ସେଠୀ ଭାରୀ ପଡି ପାରନ୍ତି ବୋଲି ପ୍ରଶ୍ନ କରିବାରେ ମନ୍ତ୍ରୀ ଶ୍ରୀ ବେହେରା ପ୍ରଶ୍ନ କୁ ଏଡାଇ ଯାଇ ଆମେ ସମସ୍ତଙ୍କୁ କୋଳେଇ ନେଇ ଆଗାମୀ ନିର୍ବାଚ଼ନ ବୈତରଣୀ ପାର ହେବୁ ବୋଲି ମତବ୍ୟକ୍ତ କରିଥିଲେ ।

# ଫୁଙ୍କୁକିମୁଣ୍ଡା ଗାଁ ର ଯୁବ ଯୋଗ ଗୁରୁ ହରି ଭାଇ ବିଦ୍ୟା ବାଚ଼ସ୍ପତି ସମ୍ମାନରେ ସମ୍ବର୍ଦ୍ଧିତ

ଖପ୍ରାଖୋଲ,(ପିଏନ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ସାହଜ ପାଣି ଗାଁ ର ଯୁବ ଯୋଗ ଗୁରୁ ହରିଭାଇ ଙ୍କୁ ହିନ୍ଦୀ ଭାଷା ପ୍ରଚ଼ାର ପ୍ରସାର, ପ୍ରାକୃତିକ ଚ଼ିକିତ୍ସା, ଯୋଗ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ହିନ୍ଦୀ ବିଦ୍ୟାପୀଠ ମଥୁରା ତରଫରୁ ମଧ୍ୟପ୍ରଦେଶ ଭୋପାଳ ର ହୋଟେଲ ରେସି ଡେନ୍ସି ଠାରେ ଆୟୋଜିତ ଭବ୍ୟ ସମାରୋହରେ ବୁଧବାର ବିଦ୍ୟାବାଚ଼ସ୍ପତି ସମ୍ମାନ ରେ ସମ୍ବର୍ଦ୍ଧିତ କରାଯାଇଥିବା ଜଣାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାପୀଠ ର କୁଳପତି ଡ଼ା ଇନ୍ଦୁଭୂଷଣ ମିଶ୍ର ଅଧ୍ୟକ୍ଷତା କରିଥିବା



ବେଳେ ମୁଖ୍ୟ ଅତିଥି ନ୍ୟାୟାଧିଷ ଦେବେନ୍ଦ୍ର କୁମାର ଜୈନ, ମୁଖ୍ୟ ବକ୍ତା ରୂପେ କଥା ବାଚ଼ିକା ଦିପା ମିଶ୍ର, ସମ୍ମାନିତ ଅତିଥି ପଦ୍ମ ଶ୍ରୀ ପଣ୍ଡିତ ବିଶ୍ୱନାଥ ପାଣିଗ୍ରାହୀ, ପରିବେଶ ବିଦ୍ ବିଶ୍ୱକାନ୍ତ କାନକାନେ ସମେତ ଅନ୍ୟ ମାନେ ଯୋଗଦେଇ ସମ୍ବର୍ଦ୍ଧିତ କରିଥିବା ଜଣାଯାଇଛି। ବିଭିନ୍ନ କ୍ଷେତ୍ର ରେ ସୁନାମ ଅର୍ଜନ କରିଥିବା ୫୮ ଜଣଙ୍କୁ ଏଭଳି ସମ୍ମାନ ଜନକ ବିଦ୍ୟା ବାଚ଼ସ୍ପତି ସମ୍ମାନ ରେ ଉପଢୌକନ, ମାନପତ୍ର, ପ୍ରମାଣ ପତ୍ର ଆଦି ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୂଚ଼ନା ଯୋଗ୍ୟ ଯୁବ ଯୋଗ ଗୁରୁ ହାରିଭାଇ ପୂର୍ବରୁ ଡକ୍ଟରେଟ, ସେବା ଗୌରବ, ଯୁବ ଗୌରବ ଭଳି ବିଭିନ୍ନ ସମ୍ମାନ ରେ ସମ୍ବର୍ଦ୍ଧିତ ହୋଇ ସାରିଛନ୍ତି। ତାଙ୍କ ଏହି ସଫଳତାରେ ଖପ୍ରାଖୋଲ ଅଞ୍ଚଳ ର ତାଙ୍କ ଶୁଭେଚ୍ଛୁ, ବନ୍ଧୁ କୃତଜ୍ଞତା ଜଣାଇଛନ୍ତି।

# ୨୫ ବର୍ଷର ନବୀନ ସରକାର ଯୁବ ସମାଜ ପାଇଁ ବିନାଶ କାଳ : କଂଗ୍ରେସ

ଭୁବନେଶ୍ୱର ,(ପି.ଏନ): ନବୀନ ବାବୁ ଓଡ଼ିଶାକୁ ୨୫ ବର୍ଷ ଲଗାତାର ଶାସନ କରି ଯୁବ ସମାଜକୁ ବିକଶିତ କରିବାରେ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ଯଦି ବିକାଶ ହୋଇଥାନ୍ତା ତେବେ ଆଜିର ଓଡ଼ିଶା ସୁନାର ଓଡ଼ିଶାରେ ପରିଣତ ହୋଇଥାନ୍ତା। ନବୀନ ବାବୁଙ୍କ ୨୫ ବର୍ଷର ସରକାର ଓଡ଼ିଶାର ଯୁବ ସମାଜ ପାଇଁ ବିକାଶ ନୁହେଁ ବିନାଶ କାଳ। ଯେଉଁ ଗରିବ ଖଟିଖିଆଙ୍କର ସେତେବେଳେ ପିଲାଟିଏ ଜନ୍ମ ହୋଇଥିଲା ସେମାନେ କେତେ ଆଶା ପୋଷଣ କରିଥିବେ ଯେ ନୂଆ ନୂଆ ସରକାର ଆସିଲା, ମୋ ପିଲା ବଡ଼ ହେଲେ ଗରିବ ରହିବ ନାହିଁ, ମୂଲ ଲାଗିବ ନାହିଁ କିମ୍ବା ଦାଦନ ଖଟିବ ନାହିଁ। ସେ ପିଲା ଏବେ ସବୁ ୨୫ ବର୍ଷର ହୋଇଯିବେଣି। ସେମାନେ ଗରିବରୁ ବେଢ଼ିର ମୁକୁଳିଲେ କି ନା ବେରୋଜଗାର ହୋଇ ସେଇ ଦୁଃଖ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି ବୋଲି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ଶ୍ରୀ ପଂଚାନ ଦାଶ କହିଛନ୍ତି। ଶ୍ରୀ ଦାଶ ଆହୁରି ମଧ୍ୟ କହିଛନ୍ତି ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଭାରତର ଅନ୍ୟ ରାଜ୍ୟ ମାନଙ୍କ ଠାରୁ ବେଶୀ ବିକଶିତ। ସେଠାରେ ସରକାର ନିୟମିତ ପରିବର୍ତ୍ତନ ହୁଏ। ସେଇ ଦକ୍ଷିଣ ଭାରତରୁ ଗୋଟିଏ ଲୋକ ଓଡ଼ିଶାର ଲୋକଙ୍କ ବିନା ସହମତିରେ ଓଡ଼ିଶାକୁ ଶାସନକୁ କୌଶଳ କରି ହାତେଇ କହୁଛନ୍ତି ନବୀନ ବାବୁଙ୍କ ମୁହଁକୁ ଦେଖି ଭୋଟ ଦିଅନ୍ତୁ ଏବଂ ହେବାର ଆଶା ଆକାଂକ୍ଷାକୁ ଛାଡ଼ି ସେଇ ନିକୃଷ୍ଟ ଜୀବନ ଯାପନ କରନ୍ତୁ। ବେରୋଗାରୀ ବର୍ତ୍ତମାନ ଦେଶର ସବୁଠାରୁ ଗୋଟିଏ ପ୍ରସଙ୍ଗ। ନବୀନ ସରକାର ଓଡ଼ିଶାରେ ବେରୋଜଗାରୀର ସମସ୍ୟାକୁ ଲାଘବ କରିବା ପରିବର୍ତ୍ତେ ଉକ୍‌ଟ କରିସାରିଲେଣି। ସେଂଟର ଫରଦି ଷ୍ଟଡି ଅଫ ଡେଭଲପିଙ୍ଗ ସୋସାଇଟ ରିପୋର୍ଟ ଅନୁସାରେ ଦେଶର ବେରୋଜଗାରୀ ଜନତାଙ୍କ ଆଗରେ ସବୁଠାରୁ ବଡ଼ ପ୍ରସଙ୍ଗ (୨୭%) ତାପରେ ମୁଲ୍ୟବୃଦ୍ଧି (୨୩%)। ଏବେ ଆନ୍ତର୍ଜାତୀୟ ଶ୍ରମ ସଂଗଠନ ସହଯୋଗରେ ମାନବ ସମ୍ବଳ ପ୍ରତିଷ୍ଠାନ ଭାରତ ରୋଜଗାର ରିପୋର୍ଟ ୨୦୨୪ ପ୍ରକାଶ ପାଇଛି। ଏହି ରିପୋର୍ଟ ଅନୁସାରେ ସ୍ନାତକ ଡିଗ୍ରୀଧାରୀ




ପିଲାଙ୍କ ମଧ୍ୟରୁ ୨୯.୧% ବେରୋଜଗାର। ଶିକ୍ଷା ସ୍ତର ସହିତ ଯୁବ ବେରୋଗାରୀ ହାର ବୃଦ୍ଧି ପାଇବା ଲକ୍ଷ କରାଯାଉଛି। ସ୍ନାତକ କିମ୍ବା ତାଠାରୁ ବେଶୀ ବଡ଼ ଡିଗ୍ରୀ ହାସଲ କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ବେରୋଜଗାରୀ ହାର ସର୍ବାଧିକ ଏବଂ ପୁରୁଷଙ୍କ ତୁଳନାରେ ମହିଳାଙ୍କ ମଧ୍ୟରେ ବେରୋଜଗାରୀ ହାର ଅଧିକ। ୨୦୨୨ ମସିହାରେ ପଢ଼ିବା ଏବଂ ଲେଖିବାରେ ଅସମର୍ଥ ବ୍ୟକ୍ତିଙ୍କ ବେରୋଜଗାରୀ ହାର ତୁଳନାରେ (୩.୪%) ମାଧ୍ୟମିକ କିମ୍ବା ଉଚ୍ଚ ସ୍ତରର ଶିକ୍ଷା ହାସଲ କରିଥିବା ଯୁବ ପୀଢ଼ିଙ୍କର ବେରୋଜଗାରୀ ହାର ଛଅ ଗୁଣ ଅଧିକ (୧୮.୪ ପ୍ରତିଶତରେ ଏବଂ ସ୍ନାତକୋତରମାନଙ୍କ ମଧ୍ୟରେ ନଅ ଗୁଣ ଅଧିକ। (୨୯.୧ ପ୍ରତିଶତ) ଥିଲା। ଶିକ୍ଷିତ ଯୁବକଙ୍କ ତୁଳନାରେ ଶିକ୍ଷିତ ଯୁବତୀ ବେଶୀ ବେରୋଜଗାରୀର ଶିକାର ହେଉଥିବା ଜଣାପଡ଼ିଛି। ଚିନ୍ତାଜନକ ବିଷୟ ହେଲା ୨୮.୫% ଯୁବ ବେରୋଜଗାର, ଶିକ୍ଷା ଏବଂ ପ୍ରଶିକ୍ଷଣରେ ନାହାନ୍ତି। ଚିନ୍ତାଜନକ ବିଷୟ ହେଲା ୨୮.୫% ଯୁବ ରୋଜଗାର, ଶିକ୍ଷା ଏବଂ ପ୍ରଶିକ୍ଷଣରେ ନାହାନ୍ତି। ପୁରୁଷଙ୍କ ୯.୮% ପ୍ରତିଶତ ତୁଳନାରେ ଏହା ମହିଳାଙ୍କ ପାଇଁ ୪୮.୪%। ବିଭିନ୍ନ ସର୍ଭେ ରିପୋର୍ଟ ଦର୍ଶାଉଛି ଯେ ନିୟମିତ ରୋଜଗାର କମି କମି ଯାଉଛି ଏବଂ ରୋଜଗାର ଭିତରେ ସ୍ୱ ରୋଜଗାର ପ୍ରତିଶତ ବଢ଼ି ବଢ଼ି ଯାଉଛି। ଆତ୍ମ ନିଯୁକ୍ତିର ଅଂଶ ୨୦୧୮-୧୯ ଆର୍ଥିକ ବର୍ଷରେ ୫୨.୧ ପ୍ରତିଶତରୁ ୨୦୨୨-୨୩ ରେ ୫୭.୩ ପ୍ରତିଶତକୁ ବୃଦ୍ଧି ପାଇଛି। ଆଂଚଳିକ ପାର୍ଥକ୍ୟ ଏବଂ ନିଯୁକ୍ତିର ଗୁଣବତା ଏବଂ ସ୍ଥିତିର ଅଗ୍ରଗତି ଆକଳନ କରିବାକୁ, ଭାରତର ୨୨ ଟି ପ୍ରମୁଖ ରାଜ୍ୟ ପାଇଁ ଏକ ମିଶ୍ରିତ ସୂଚକାଙ୍କ- ନିଯୁକ୍ତି ସ୍ଥିତି ସୂଚକାଙ୍କ ନିର୍ମାଣ କରାଯାଇଥିଲା। ଏହି ସୂଚକାଙ୍କ ଅନୁସାରେ ୨୦୦୫ ମସିହାରେ ଓଡ଼ିଶା ୨୨ଟି ପ୍ରମୁଖ ରାଜ୍ୟରେ ସର୍ବ ନିମ୍ନରେ ଥିଲା, ୨୦୧୨, ୨୦୧୯ ଏବଂ ୨୦୨୨ ବର୍ଷ ଗୋଟିଏ ସ୍ଥାନ ଉପରକୁ ଉଠି ୨୧ ତମ ଥିଲା। କେବଳ ବିହାର ଓଡ଼ିଶା ତଳେ ରହି ଆସିଛି ଏବଂ ଅନ୍ୟସବୁ ରାଜ୍ୟର ସ୍ଥିତି ଓଡ଼ିଶା ଠାରୁ ଉନ୍ନତ। ଓଡ଼ିଶା ଗୋଟିଏ ବଳକା ରାଜ୍ୟ ହିସାବରେ ଗଣାଯାଉଛି। ଓଡ଼ିଶା ଖଣିଜ ଉତ୍ପାଦନରୁ ଭାରତର ପ୍ରାୟ ୨୫% ଏକାକି ପାଏ ଯାହାର ମୂଲ୍ୟ ୫୦ ହଜାର କୋଟି ଟଙ୍କାରୁ ଅଧିକ। ତା ସାଙ୍ଗକୁ ମଦ ବିକ୍ରୀରୁ ୬ ହଜାର କୋଟି ଟଙ୍କାରୁ ଅଧିକ ରାଜସ୍ୱ ଆଦାୟ କରୁଛି। ବଳକା ରାଜ୍ୟ ହେବା ସତ୍ୱେ ରାଜ୍ୟରେ ବିକାଶ କାହିଁକି ଅନ୍ୟ ରାଜ୍ୟ ତୁଳନାରେ ଆଖିଦୃଷ୍ଟିଆ ନୁହେଁ। ଏ ବଳକା ଟଙ୍କା କିଏ ଖାଇଗଲା ? ନା ଝୋଟ ବ୍ୟାଗ, ଲୁଙ୍ଗି, ବିଭିନ୍ନ ବିଜ୍ଞାପନ ଇତ୍ୟାଦିରେ ଅର୍ଥ ବ୍ୟୟ କରି ମଣିଷ ବିକାଶରରେ ଅସମର୍ଥ ହୋଇଛନ୍ତି। ସେଂଟର ଫର ମନିଟରିଂ ଇଣ୍ଡିଆନ ଇକୋନୋମୀ ର ବିଗତ ୧୫ ବର୍ଷର ବେରୋଜଗାରୀ ହାର ତଥ୍ୟ ଉପରେ ନଜର ପକାଇଲେ ଜଣାପଡ଼େ ଯେଉଁ ବେରୋଜଗାରୀ ହାର ୟୁପିଏ ସରକାର ୨ ଅମଳରେ ୬% ତଳେ ରହି ଆସିଥିଲା। ୨୦୧୫ ମସିହାରେ ୨୦୨୦ ମସିହାରେ ୮%କୁ ବୃଦ୍ଧି ହୋଇ ୨୦୨୨ରେ ୭.୩୩କୁ ଖସି ୨୦୨୩ ରେ ପୁଣି ୮% ଅତିକ୍ରମ କଲା। ସେଂଟର ଫର ମନିଟରିଂ ଇଣ୍ଡିଆନ ଇକୋନୋମି ରୁ ଉପଲବ୍ଧ ସର୍ବଶେଷ ତଥ୍ୟ ଅନୁଯାୟୀ, ମାର୍ଚ୍ଚରେ ଶେଷ ହୋଇଥିବା ଗତ ଆର୍ଥିକ ବର୍ଷରେ (୨୦୨୨-୨୩) ଭାରତ ଶ୍ରମଶକ୍ତିର ଅଂଶଗ୍ରହଣ ହାର (ଏଲଏଫପିଆର) ୩୯.୫% କୁ ଖସି ଆସିଛି। ଏହା ସୂଚିତ କରେ ଯେ ଭାରତ କାର୍ଯ୍ୟ ବୟସ ଜନସଂଖ୍ୟାର ଅଧାରୁ ଅଧିକ ଲୋକ ଚାକିରୀ କରନ୍ତି ନାହିଁ କିମ୍ବା ଚାକିରୀ କରିବାକୁ ଇଛା କରନ୍ତି ନାହିଁ। ବିଶେଷ କରି ଦେଶରେ ମହିଳାମାନଙ୍କ କ୍ଷେତ୍ରରେ ଏହା ପ୍ରାୟ ୯୦%। ପୁରୁଷ ମାନଙ୍କ ପାଇଁ ଶ୍ରମଶକ୍ତିର ଅଂଶଗ୍ରହଣ ହାର ସାତ ବର୍ଷର ସର୍ବନିମ୍ନ ୬୬% ଥିବା ବେଳେ ମହିଳାଙ୍କ ପାଇଁ ଏହା ମାତ୍ର ୮.୮% ରହିଥିଲା। ଭାରତରେ ବହୁ ସଂଖ୍ୟାରେ ଯୁବପିଢ଼ି ବିଶେଷ କରି ଯୁବତୀ ଶିକ୍ଷା, ରୋଜଗାର କିମ୍ବା ପ୍ରଶିକ୍ଷଣରେ ନାହାନ୍ତି। ଉଚ୍ଚ ଅଭିବୃଦ୍ଧି ସତ୍ୱେ, ଅଭିବୃଦ୍ଧି ପ୍ରକ୍ରିୟାରେ ରୋଜଗାରର ତୀବ୍ରତା ହ୍ରାସ ପାଇଛି। ଏହା ବହୁଳ ଭାବରେ ସ୍ୱୀକାର କରାଯାଏ ଯେ ଏହା ମୁଖ୍ୟତଃ ଅଭିବୃଦ୍ଧି ପ୍ରକ୍ରିୟା ଉତ୍ପାଦନ ଶିଳ୍ପ ଆଧାରିତ ବଦଳରେ ସେବା ଉଦ୍ୟୋଗ ଆଧାରିତ ହୋଇଥିବାରୁ। ଭାରତ ପୃଥିବୀର ସର୍ବ ବୃହତ ଏବଂ ୧.୪ ବିଲିୟନ ଜନସଂଖ୍ୟାର ଦେଶ। ଆମ ଜନସଂଖ୍ୟା ଉପରେ ବିଦେଶୀ କମ୍ପାନୀ ମାନଙ୍କ ନଜର।

## ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବର ବୃକ୍ଷରୋପଣ

କେନ୍ଦ୍ରାପଡ଼ା,(ପି.ଏନ):ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ,କୁଶିଆପାଳ ଇକୋ କ୍ଲବ ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୁଭ୍ରାଲିନ୍ ଜେନା ସଭାପତିତ୍ୱ କରିଥିଲେ। ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ରତାପକୁ ନିୟନ୍ତ୍ରଣ କରିବା ପାଇଁ ବୃକ୍ଷରୋପଣର ଆବଶ୍ୟକତା ରହିଛି ବୋଲି କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଜେନା ଚଳିତବର୍ଷ ଏନ.ଆର.ଟି.ଏସ. ଓ ଏନ.ଏମ. ଏମ.ଏସ. ପାଇଥିବା ବିଦ୍ୟାଳୟର ମେଧାବୀ ଛାତ୍ର ଅନିରୁଦ୍ଧ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ତାଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଇଥିଲେ। ଚଳିତ ବର୍ଷ ଛାତ୍ର ଅନିରୁଦ୍ଧ କିପରି ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡରେ ପାସ କରିବା ସହ ବ୍ଲକ ତଥା ଜିଲ୍ଲାରେ ଟପ୍ପର ହେବ ଏବଂ ବିଦ୍ୟାଳୟର ଅଧିକରୁ ଅଧିକ ମେଧାବୀ ଛାତ୍ର ସୃଷ୍ଟି ହେବେ ସେଥିପାଇଁ ପ୍ରତ୍ୟେକ ଶିକ୍ଷକଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଜେନା ଦାୟୀତ୍ୱବାନ ହେବାକୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀଙ୍କର ଏଭଳି କାର୍ଯ୍ୟ ନିମନ୍ତେ ସ୍କୁଲ ପରିଚାଳନା ସମିତି ସଭାପତି ତପନ ସାହୁ ଓ ମୋ ସ୍କୁଲ ଅଭିଯାନର ସଭାପତି ଫଗୁ ଚରଣ ସାହୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ପ୍ରଶଂସା କରିଥିଲେ।

# ବିଜେଡ଼ି ଦଳର ମହିଳା ପ୍ରାର୍ଥୀନୀ ଡ.ଇନ୍ଦିରା ନନ୍ଦ ଦାଖଲ କଲେ ନାମାଙ୍କନ ପତ୍ର, ମଙ୍ଗ ଧରିଲେ ସ୍ୱାମୀ ରବି

କୋରାପୁଟ ଜିଲ୍ଲା: ୨୫।୪,(ପି ଏନ୍ ): ଜୟପୁର ବିଧାନସଭା ଆସନ ପାଇଁ ବିଜେଡ଼ି ଦଳ ପ୍ରାର୍ଥୀନୀ ଡ.ଇନ୍ଦିରା ନନ୍ଦ ନିଜର ନାମାଙ୍କନ ପତ୍ର ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ଉପଜିଲ୍ଲାପଳ ତଥା ରିଟର୍ଣିଂ ଅଫିସର ପ୍ରଭାତ କୁମାର ପରିଡ଼ାଙ୍କୁ ପ୍ରଦାନ କରିଛନ୍ତି। ପ୍ରଥମେ ସ୍ଥାନୀୟ ଅଷ୍ଟସୋମ୍ଭୁ କ୍ଷେତ୍ର ପଞ୍ଚାନନ ମନ୍ଦୀର, ଭଗବତୀ ମନ୍ଦିର, ବୋଲ୍ଲଭ ନାରାୟଣ ଏବଂ ଜଗନ୍ନାଥ ମନ୍ଦିରରେ ପୁଜା ଅର୍ଚ୍ଚନା କରି ଏକ ବିଶାଳ ଶୋଭାଯାତ୍ରାରେ ରଘୁନାଥ ମନ୍ଦିର ଛକ ଦେଇ ମା ଜଗତ ଜନନୀଙ୍କ ପୀଠରେ ପହଞ୍ଚିଥିଲେ ଏବଂ ସେଠାରେ ପୂଜାପାଠ ସାରି ମୁଖ୍ୟ ଟ୍ରାଫିକ ଛକ ଦେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ। ସେଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରି ଏକ ବ୍ୟାରିକେଡ଼ ର ନିର୍ମାଣ କରାଯାଇଥିଲା ସେଠାରେ ପ୍ରାର୍ଥି ସହ ପ୍ରସ୍ତାବକ ସମର୍ଥ ?କ ଏବଂ ଆଇନ ସହୋଯୋଗିଙ୍କୁ ହିଁ ପ୍ରବେଶ ଅନୁମୋତି ରୋହିଥିଲା। ଜୟପୁର ଏସଡିପିଓ ଅଙ୍କିତ କୁମାର ବର୍ମା, ବୋରିଗୁମ୍ମା ଏସଡିପିଓ ତପସ୍ୱିନୀ କହଁର



ଏବଂ ଜୟପୁର ଟାଉନ୍ ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇ ଉପସ୍ଥିତ ରହି ସିମୀତ ଲୋକଙ୍କୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯିବା ପାଇଁ ଅନୁମତି ଦେଇଥିଲେ। ଏହି ସଭାଯାତ୍ରା ବେଳେ ଡ ଇନ୍ଦିରା ନନ୍ଦଙ୍କ ସହ ସ୍ୱାମୀ ପୁର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ,କୋରାପୁଟ ସାଂସଦ ପ୍ରାର୍ଥୀନୀ କୌଶଲ୍ୟା ହିକ୍କକା, ଜିଲ୍ଲା ପର୍ଯ୍ୟବେକ୍ଷିକା ମିରା ପରିଡା, ଜିଲ୍ଲା ମହିଳା ସଭାନେତ୍ରୀ ପାର୍ବତୀ ମସ୍ତି,ଜୟପୁର ପୌରପାଳିକା ଉପାଧକ୍ଷ ବି ସୁନିତା ପ୍ରମୁଖଙ୍କ ସହ ଆଜ ସୁଦ୍ଧା କରିଥିବା ଅନ୍ୟାନ୍ୟ ଦଳର ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ ଶୋଭାଯାତ୍ରାରେ ସାମିଲ ହୋଇଥିବା ସମର୍ଥକ ମାନଙ୍କ ଠାରୁ ବିପୁଳ ବିଜେଡି ସମର୍ଥକଙ୍କ ସାମିଲକୁ ଦେଖି ସାଧାରଣରେ ଜୟପୁରରୁ ଏହି ଥର ମହିଳା ବିଧାୟୀକା ଚ଼ୟନ ନୀମନ୍ତେ ବିଚ଼ାର କରିବାକୁ ବାଧ କରିଥିବା ପ୍ରତିକ୍ରିୟା ମିଳିଛି। ଜୟପୁର ନିର୍ବାଚ଼ନ ମଣ୍ଡଳୀରେ ୩୦ ପ୍ରତିଶତ ତେଲୁଗୁ ସମ୍ପ୍ରଦାୟର ମତଦାତା ରୋହୀଥିବା ଏବଂ ସେମାନଙ୍କ ମୋଧରୁ ଅଧିକାଂଶ ଏହି ଶୋଭାଯାତ୍ରାରେ ସାମିଲ ହୋଇ 'ଇ ଥର ଆମାକୁ' ଭୋଟ ନାରା ଗୁଞ୍ଜରିତ ହେଇଥିଲା। ଜୟପୁର ନିର୍ବାଚ଼ନ ମଣ୍ଡଳୀରୁ ରାଷ୍ଟ୍ର ସ୍ୱାଧୀନତା ପାଇବା ପର ଠାରୁ ପ୍ରଥମ କରି ଜଣେ ମହିଳା ପ୍ରାର୍ଥୀନୀ ବିଧାୟୀକା ନିମନ୍ତେ ପ୍ରତିଦ୍ୱନ୍ଦିତା କରୁଥିବାରୁ ମହିଳା ମାନଙ୍କ ମତ ଡ. ଇନ୍ଦିରା ନନ୍ଦଙ୍କ ସପକ୍ଷରେ ରହିବ ବୋଲି ସାଧାରଣରେ ଅଧିକାଂଶ ମତ ବ୍ୟକ୍ତି କରିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray